RNI. Regd. No. ORORI/25/A1227
■ 14 April 2026, Tuesday
■ Vol-01 ■ Issue - 243
■ Odia ■ Daily
■ Puri ■ Page- 8
■ Price-Rs.5/-
■ ୧୪ ଏପ୍ରିଲ ୨୦୨୬, ମଙ୍ଗଳବାର
■ ୦୧ ବର୍ଷ ■ ସଂଖ୍ୟା-୨୪୩ ■ ଓଡ଼ିଆ
■ ଦୈନିକ (ପ୍ରାତଃ ସଂସ୍କରଣ) ■ ପୁରୀ
■ ପୃଷ୍ଠା- ୮ ■ ମୂଲ୍ୟ-୫/
www.prabahaepaper.com

ସମୟ ସ୍ରୋତରେ ଆମେ

# ପ୍ରବାହ
PRABAHA
A Leading Odia Daily News Paper

prabahatv.com
odia.prabahatv.com
prabaha tv
prabaha tv

# ତ୍ୱରାନ୍ୱିତ କରାଯିବ ରାଜଧାନୀର ବିକାଶ ପ୍ରକ୍ରିୟା : ବାଚସ୍ପତି

## ରାଜଧାନୀ ପ୍ରତିଷ୍ଠା ଦିବସ ପାଳିତ






**ଭୁବନେଶ୍ୱର, ୧୩।୪(ପ୍ରବାହ ନ୍ୟୁଜ) :** ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଛି । ଏହି ଅବସରରେ ଓଡ଼ିଶା ବିଧାନସଭା ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତ୍ତର) ବିଧାୟକ ଶ୍ରୀ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ, ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ଭୁବନେଶ୍ୱର-କଟକ ପୁଲିସ କମିଶନର ଶ୍ରୀ ଏସ୍. ଦେବଦତ୍ତ ସିଂହ, ବିଏମ୍‌ସି କମିଶନର ଶ୍ରୀ ଚଞ୍ଚଳ ରାଣା, ବିଏମ୍‌ସିର ଅତିରିକ୍ତ କମିଶନର ଶ୍ରୀ କୈଳାଶ ଦାସ ଓ ଶ୍ରୀ ରତ୍ନାକର ସାହୁ, ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ଜେନା, ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, କର୍ପୋରେଟର ଶ୍ରୀ ବିରଞ୍ଚି ନାରାୟଣ ମହାସୁଆର, ଆସିୟା ବେଗମ, ଶ୍ରୀ ଅମରେଶ ଜେନା ଓ ଶ୍ରୀ ରାମଚନ୍ଦ୍ର ରଣସିଂ, ଭୁବନେଶ୍ୱର ଶିକ୍ଷା ଅଧିକାରୀ ଶ୍ରୀ ବ୍ରହ୍ମାନନ୍ଦ ରାଉତ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବିଜୟ ବେହେରା, କ୍ୟାପିଟାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶ୍ରୀ ସତ୍ୟ ନାରାୟଣ ଦାଶ, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ଶ୍ରୀ ପ୍ରଦୋଷ ପଟ୍ଟନାୟକ, ଉପସଭାପତି ଶ୍ରୀ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସମ୍ପାଦକ ଶ୍ରୀ ସନତ ମିଶ୍ର, ଶ୍ରୀ ଗୌରଚନ୍ଦ୍ର ମହାପାତ୍ର ପ୍ରମୁଖ ବହୁ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ । ଏହି ଅବସରରେ ଏକ ମଶାଲ ଶୋଭାଯାତ୍ରା ଲିଙ୍ଗରାଜ ମନ୍ଦିର ଠାରୁ ବାହାରି ବଡ଼େଇ ବାଙ୍କ ଛକ, ମାଉସୀମା, ଶିଶୁଭବନ ଛକ, ରାଜମହଲ, ମାଷ୍ଟର କ୍ୟାଣ୍ଟିନ ଦେଇ ପିଏମଜି ଠାରେ ପହଞ୍ଚିଥିଲା । ଅଲମ୍ପିୟାନ ଦୂତୀ ଚାନ୍ଦ, ଶୁଭଙ୍କର କୁମାର, ଜିତେନ୍ଦ୍ର ଦାସ, ଅଜୟ ସିଂ ଓ ଶ୍ରୀ ମନୋଜ ମହାପାତ୍ରଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଓ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଦିବସ ସମାରୋହ ଅବସରରେ ଯୋଗଦେଇଥିବା ମୁଖ୍ୟ ଅତିଥିଙ୍କ ସମେତ ସମ୍ମାନନୀୟ ଅତିଥିମାନେ ବିଧାନ ସୌଧ ସମ୍ମୁଖରେ ଥିବା ରାଜଧାନୀ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ କରିଥିଲେ । ପରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନପୂର୍ବକ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀମତୀ ପାଢ଼ୀ ପତାକା ଉତ୍ତୋଳନ କରି ବେସାମରିକ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ପ୍ୟାରେଡ୍‌ରେ ମୋଟ ୫୧ଟି ଦଳ ଭାଗ ନେଇଥିଲେ । ଏଥିରେ ମହାବିଦ୍ୟାଳୟ ସ୍ତରୀୟ ପ୍ୟରେଡ୍ ପ୍ରତିଯୋଗିତାରେ ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରଥମ, ସୈନିକ ସ୍କୁଲ ଦ୍ୱିତୀୟ ଓ ରାଜଧାନୀ କଲେଜ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିଭଳି ହାଇସ୍କୁଲ ସ୍ତରୀୟ (ଇଂରାଜୀ ମିଡିୟମ୍) ଡିଏଭି ୟୁନିଟ୍-୮ ପ୍ରଥମ, ଡିଏଭି ପୋଖରୀପୁଟ ଓ ଡିଏଭି ଚନ୍ଦ୍ରଶେଖରପୁର ଯୁଗ୍ମ ଭାବେ ଦ୍ୱିତୀୟ ଏବଂ ଓଡ଼ିଏମ୍ ପବ୍ଲିକ୍ ସ୍କୁଲ ଓ ଭେଙ୍କଟେଶ୍ୱର ଇଂରାଜୀ ମିଡ଼ିୟମ୍ ସ୍କୁଲ, ଚନ୍ଦ୍ରଶେଖରପୁର ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ହାଇସ୍କୁଲ ସ୍ତରୀୟ (ଓଡ଼ିଆ ମିଡିୟମ୍) ସ୍ତରରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇଆରସି ଭିଲେଜ୍ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୬ ଦ୍ୱିତୀୟ ଓ କ୍ୟାପିଟାଲ୍ ହାଇସ୍କୁଲ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇଆରସି ଭିଲେଜ୍‌ର ବାଳିକା ବିଭାଗ ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଛନ୍ତି । କ୍ୟାପିଟାଲ ହାଇସ୍କୁଲର ବାଳିକା ବିଭାଗ, ମହର୍ଷି କଲେଜ ଅଫ ନ୍ୟାଚୁରାଲ ଲ' ଡେୟାର ଡେଭିଲ୍‌ସ୍, ଓଡ଼ିଶା ସ୍କେଟିଂ ଏକାଡେମୀକୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି । ଅନ୍ୟ ପକ୍ଷରେ ସିଆରପିଏଫ୍ ବ୍ୟାଣ୍ଡ, ୭ମ ବାଟାଲିୟନ୍ ଓଏସ୍‌ଏପି ଓ ସୈନିକ ସ୍କୁଲ ବ୍ୟାଣ୍ଡକୁ ମଧ୍ୟ ପୁରସ୍କୃତ କରାଯିବ । ୧୯୪୮ ମସିହା ଏପ୍ରିଲ ୧୩ ତାରିଖ ଦିନ ଭୁବନେଶ୍ୱରରେ ପ୍ରତିଷ୍ଠା ହୋଇଥିଲା ରାଜଧାନୀ । ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ରାଜଧାନୀ ଫଳକର ଉନ୍ମୋଚନ କରିଥିଲେ । ସେତେବେଳେ ମାତ୍ର ୪୦ ହଜାର ଲୋକଙ୍କ ପାଇଁ ପରିକଳ୍ପନା କରାଯାଇଥିଲା ରାଜଧାନୀ । ମାତ୍ର ଆଜି ତାର କଳେବର ବୃଦ୍ଧି ପାଇଛି । ସଂପ୍ରତି ୧୫ଲକ୍ଷରୁ ଅଧିକ ଲୋକ ଏଠାରେ ବସବାସ କରୁଛନ୍ତି । ଆମ ରାଜଧାନୀ ଭୁବନେଶ୍ୱର ଆଜି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ସବୁ କ୍ଷେତ୍ରରେ ଦେଶର ଯେ କୌଣସି ରାଜଧାନୀଠାରୁ ବହୁ ଉଚ୍ଚରେ ରହିଛି । ଆମ ରାଜଧାନୀର କଳା, ସଂସ୍କୃତି ଐତିହ୍ୟର ସୁରକ୍ଷା କରିବା ସହ ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରି ଗଢିତୋଳିବା ପାଇଁ ମେୟର ଶ୍ରୀମତୀ ସୁଲୋଚନା ଦାସ ଭୁବନେଶ୍ୱରବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ରାଜଧାନୀ ହେଉଛି ରାଜ୍ୟର ମୁଖଶାଳା । ଦେଶବିଦେଶରୁ ପର୍ଯ୍ୟଟକମାନେ ଆକାଶ ପଥରେ ହେଉ କିମ୍ବା ରେଳପଥରେ ପ୍ରଥମେ ଆସି ରାଜଧାନୀରେ ପହଞ୍ଚିଥାନ୍ତି । ମହିମାମଣ୍ଡିତ ଆମ ରାଜଧାନୀର କଳା ଓ ଐତିହ୍ୟ ବେଶ ଗୌରବ ମଣ୍ଡିତ । ଏହି ଗୌରବମୟ ରାଜଧାନୀର ଶ୍ରୀବୃଦ୍ଧି କରିବା ପାଇଁ ରାଜଧାନୀବାସୀଙ୍କୁ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଆହ୍ୱାନ ଦେଇଥିଲେ । ରାଜଧାନୀ ସହ ନିଜର ଶୈଶବ ଠାରୁ ଏପର୍ଯ୍ୟନ୍ତ ଥିବା ଘନିଷ୍ଠ ସମ୍ପର୍କରେ ନିଜର ଅନୁଭୂତି ପ୍ରଦାନ କରିଥିଲେ । ଉପସ୍ଥିତ ଅତିଥିମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ଭୁବନେଶ୍ୱରକୁ ଆହୁରି ଉନ୍ନତି କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ । ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ଶ୍ରୀ ପ୍ରଦୋଷ ପ୍ରଟ୍ଟନାୟକ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିବା ବେଳେ ବିଏମସି କମିଶନ ଶ୍ରୀ ଚଞ୍ଚଳ ରାଣା ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ବିକାଶ ଉପରେ ସୂଚନା ଓ ଲୋକସମ୍ପର୍କ ବିଭାଗର ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀ

ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ଜୟଦେବ ଭବନରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଏକ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ବାଚସ୍ପତି ଶ୍ରୀମତୀ ପାଢ଼ୀ ଏହି ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍ ?ଘାଟନ କରିଥିଲେ । ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖିବା ଅବସରରେ ବାଚସ୍ପତି ଏହି ଫଟୋଚିତ୍ରଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ । ବିଭାଗ ପକ୍ଷରୁ ଏହି ପ୍ରଦର୍ଶନୀରେ ଭୁବନେଶ୍ୱରର ଐତିହ୍ୟ, କଳା, ସ୍ଥାପତ୍ୟ, ରାଜନୈତିକ ପୃଷ୍ଠଭୂମି, ସାମାଜିକ ରୂପାନ୍ତରଣ, ଆଧାତ୍ମିକ ପରିଦୃଶ୍ୟ, ସ୍ମାର୍ଟ ସିଟି ହେବା ପର୍ଯ୍ୟନ୍ତ ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ବିକାଶ ଆଦି ଉପରେ ପର୍ଯ୍ୟବେସିତ ଫଟୋଚିତ୍ର ପ୍ରଦର୍ଶିତ ହେଉଛି । ଏହି ଅବସରରେ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ଅନୁଜ କୁମାର ଦାସ ପଟ୍ଟନାୟକ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ଶ୍ରୀ ଅଶ୍ୱିନୀ କୁମାର ଭୋଇ,ସୁଚେତା ପ୍ରିୟଦର୍ଶିନୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଜିତେନ୍ଦ୍ରିୟ ଜେନା,ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଦର୍ଶନୀ ଅଧିକାରୀ ଶ୍ରୀ ଦୀପକ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଦୁଇଦିନିଆ ପ୍ରଦର୍ଶନୀ ମଙ୍ଗଳବାର ପର୍ଯ୍ୟନ୍ତ ଦର୍ଶକଙ୍କ ନିମନ୍ତେ ଖୋଲା ରହିବ ।

### ଘରୋଇ ଗ୍ରାହକଙ୍କ ବିଦ୍ୟୁତ୍ ବିଲ୍ ବକେୟା ଥିଲେ ମଧ୍ୟ

## ଗ୍ରୀଷ୍ମଋତୁରେ କଟିବନି ବିଦ୍ୟୁତ୍ ସଂଯୋଗ

**ଭୁବନେଶ୍ୱର, ୧୩।୪(ପ୍ରବାହ ନ୍ୟୁଜ) :** ପଶ୍ଚିମ ଏସିଆରେ ହର୍ମୁଜ୍ ଉପତ୍ୟାକାରେ ଚାଲିଥିବା ଅଚଳାବସ୍ଥା ଓ ସମଗ୍ର ବିଶ୍ୱରେ ଦେଖାଦେଇଥିବା ଶକ୍ତି ସଙ୍କଟ ମଧ୍ୟରେ ଓଡ଼ିଶାର ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ନିମନ୍ତେ ଏକ ଆଶସ୍ତିକର ଖବର ମିଳିଛି । ବିଦ୍ୟୁତ୍‌ବିଲ୍ ବକୟା ଥିଲେ ମଧ୍ୟ, ଗ୍ରୀଷ୍ମଋତୁରେ ବିଦ୍ୟୁତ୍ ସଂଯୋଗ କଟିବନି ବୋଲି ରଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ।



ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ, କନକ ବର୍ଦ୍ଧନ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି ଯେ, ୨୦୨୬ର ଏହି ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ମୌସୁମୀ ଆସିବା ପର୍ଯ୍ୟନ୍ତ ବକେୟା ବିଦ୍ୟୁତ୍ ବିଲ୍ ଥିଲେ ମଧ୍ୟ କୌଣସି ଘରୋଇ ଗ୍ରାହକଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ ନାହିଁ । ଉପମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ବିଲ୍ ପୈଠ ନକରିବା କାରଣରୁ କୌଣସି ବି ଡ଼ିସକମ୍ (ଡିସ୍‌କମ୍) ଦ୍ୱାରା ଘରୋଇ ଗ୍ରାହକଙ୍କ ଅଘୋଷିତ ବିଦ୍ୟୁତ୍ କାଟ୍ କରିପାରିବେ ନାହିଁ । କେବଳ ଅତ୍ୟାବଶ୍ୟକ ମରାମତି କିମ୍ବା ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ସାମୟିକ ଭାବେ ବିଦ୍ୟୁତ୍ କାଟ୍ ହୋଇପାରିବ । ଏହି ସମସ୍ତ ପୂର୍ବ ନିର୍ଦ୍ଧାରିତ ବିଦ୍ୟୁତ୍ କାଟ୍ ବିଷୟରେ ଗ୍ରାହକମାନଙ୍କୁ ଏସ୍‌ଏମ୍‌ଏସ୍ ଆଲର୍ଟ ଏବଂ ପବ୍ଲିକ୍ ଆଡ୍ରେସ୍ ସିଷ୍ଟମ୍ ମାଧ୍ୟମରେ ଆଗୁଆ ସୂଚନା ଦେବା ବାଧ୍ୟତାମୂଳକ କରାଯାଇଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଶକ୍ତି ବିଭାଗ ଏବଂ ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଗୁଡ଼ିକୁ ସେମାନଙ୍କ କର୍ମଚାରୀମାନଙ୍କୁ ଏହି ନିର୍ଦ୍ଦେଶ ବିଷୟରେ ଅବଗତ କରାଇବାକୁ ଅନୁରୋଧ କରିଛନ୍ତି । ଏହି ଘୋଷଣାର କଡ଼ାକଡ଼ି ଅନୁପାଳନ ନିଶ୍ଚିତ କରିବା ପାଇଁ ଏକ ଦୃଢ଼ ମନିଟରିଂ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଦ୍ୱାରା ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ଘରୋଇ ଗ୍ରାହକମାନେ ଆଶ୍ୱସ୍ତି ପାଇପାରିବେ ।

### ୫୧ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

## ବଡ଼ବିଲ୍ ପାଇଁ ୧୫୮୧ କୋଟିର ରିଙ୍ଗ୍ ରୋଡ୍

**କେନ୍ଦୁଝର, ୧୩।୪(ପ୍ରବାହ ନ୍ୟୁଜ) :** ବିକାଶକୁ ନୂତନ ଗତି ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ଼ବିଲବାସୀଙ୍କ ପ୍ରତିଶ୍ରୁତି ପୂରଣ କରି ବାଇପାସ୍ ରିଙ୍ଗ୍ ରୋଡ୍ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏହା କେନ୍ଦୁଝର ଅଞ୍ଚଳର ପାଇଁ ଏକ ବଡ଼ ବିକାଶମୂଳକ ପଦକ୍ଷେପ । ମୁଖ୍ୟମନ୍ତ୍ରୀ ଆଜି କେନ୍ଦୁଝରଗ୍ରସ୍ତ ସମୟରେ ମୋଟ ୨୪ଟି ପ୍ରକଳ୍ପ (୨୯.୪୧ କୋଟି) ଉଦ୍‌ଘାଟନ କରିଥିବାବେଳେ ୫୧ଟି ନୂତନ ପ୍ରକଳ୍ପର (୩୨୬.୪୩ କୋଟି) ଶିଳାନ୍ୟାସ କରିଛନ୍ତି । ଏଥିରେ ବଡ଼ବିଲ ବାଇପାସ ରିଙ୍ଗରୋଡ଼ ପ୍ରକଳ୍ପ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ୧୮.୩ କିଲୋମିଟର ଲମ୍ବା ଏହି ପ୍ରକଳ୍ପ ପାଇଁ ୧,୫୮୧ କୋଟି ଖର୍ଚ୍ଚ ହେବ । ଏହାଫଳରେ ପ୍ରତିଦିନ ପ୍ରାୟ ୪୦,୦୦୦ ଯାନବାହନ ଚଳାଚଳକୁ ସହଜ କରିବା ସହିତ ଟ୍ରାଫିକ୍ ଜାମ୍ କମେଇବ । ଏଥି ସହିତ ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଅଞ୍ଚଳର ବ୍ୟବସାୟିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇବ । ଏହା ସହିତ ଯୋଡ଼ା, ବସୁଦେବପୁର ଓ



ବଡ଼ବିଲ ଅଞ୍ଚଳରେ ୨୯୮ କୋଟି ବ୍ୟୟରେ ନୂତନ ବିଦ୍ୟୁତ ସବ୍ ?ଷ୍ଟେସନ୍ ସ୍ଥାପନ କରାଯିବ । ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ବଡ଼ବିଲରୁ ପାରାଦୀପକୁ ୮-ଲେନ୍ ରୋଡ୍ ନିର୍ମାଣକୁ ଶୀଘ୍ର ଶେଷ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'କେନ୍ଦୁଝର ବା ବଡବିଲ୍ ପରି ସହରମାନଙ୍କ ଟ୍ରାଫିକ ଏବଂ ଭାରି ଯାନବାହାନ ଚଳାଚଳ ସମସ୍ୟା ବିଷୟରେ ମୁଁ ସବୁ ଜାଣିଛି । ମୁଁ ନିଜେ ଗୋଟିଏ ଭୁକ୍ତଭୋଗୀ । ତେଣୁ, ଏ ସବୁ ଅସୁବିଧା ଦୂର କରିବା ପାଇଁ ଆମ ସରକାର ପ୍ରଥମରୁ ହିଁ ନିଷ୍ପତ୍ତି ନେଇଥିଲେ । ଆଜି ସେହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଇ ବଡ଼ବିଲ ସହର ପାଇଁ ୧୮ କିଲୋମିଟରରୁ ଊର୍ଦ୍ଧ୍ୱ ଲମ୍ବା ବାଇପାସ୍ ତଥା ରିଂ ରୋଡ୍‌ର ଶିଳାନ୍ୟାସ କରାଗଲା । ଭଦ୍ରା ସାହିରୁ ସେରେଣ୍ଡା ପର୍ଯ୍ୟନ୍ତ ୩.୭ କିଲୋମିଟର, ସେରେଣ୍ଡାରୁ ବଲାଣି ପର୍ଯ୍ୟନ୍ତ ୬.୩ କିଲୋମିଟର ଏବଂ ସେରେଣ୍ଡାରୁ ନଲ୍‌ଦା ପର୍ଯ୍ୟନ୍ତ ହେଉଛି ୮.୩ କିଲୋମିଟର । ଏ ପୁରା ବାଇପାସ୍ଟି ଆପଣମାନଙ୍କର ଏକ ଦୀର୍ଘଦିନର ସମସ୍ୟାର ସମାଧାନ କରିବ । ଏହାର ଡିଜାଇନ୍ ଅତ୍ୟନ୍ତ ଉନ୍ନତ ମାନର ହେବ ଏବଂ ଅଧିକ ଗାଡିର ବୋଝ ବା ଟ୍ରାଫିକ୍ ସମ୍ଭାଳିଲାଭଳି ଦୃଢ଼ତା ଏହାର ରହିବ' । ଏଥିସହ ମୁଖ୍ୟମନ୍ତ୍ରୀ ଆଜି ଜିଲ୍ଲାରେ ଖେଳ ପ୍ରାସାଦ, ବସ୍ ?ଷ୍ଟାଣ୍ଡ ଉନ୍ନତି, ଓଞ୍ଚଓ କ୍ୱାର୍ଟ, ସବ୍-ରେଜିଷ୍ଟ୍ରାର୍ କାର୍ଯ୍ୟାଳୟ ଓ ପାର୍କ ଭଳି ଅନେକ ପ୍ରକଳ୍ପ ମଧ୍ୟ ଉଦ୍‌ଘାଟନ କରିଛନ୍ତି । ମୁଖ୍ୟମନ୍ତ୍ରୀ କେନ୍ଦୁଝରରେ ଆସନ୍ତା ମେଗା ଷ୍ଟିଲ୍ ପ୍ଲାଣ୍ଟ ବିଷୟରେ କହିଛନ୍ତି, ଯାହା ଦ୍ୱାରା ୧୦,୦୦୦ କୋଟିରୁ ଅଧିକ ନିବେଶ ଆସିବା ସହିତ ୧୦,୦୦୦ରୁ ଅଧିକ ଚାକିରି ସୃଷ୍ଟି ହେବ ।

### ଏପ୍ରିଲ ୧୭ ଯାଏଁ ତାତିରୁ ନାହିଁ ମୁକ୍ତି, ୪୫% ଟପିବ ପାରଦ



**ଭୁବନେଶ୍ୱର, ୧୩।୪(ପ୍ରବାହ ନ୍ୟୁଜ) :** ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରବାହ ଭୟଙ୍କର ରୂପ ନେଇଛି । ଗରମ ଓ ଗୁଳୁଗୁଳି ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରୁଛି । ଆସନ୍ତା ୫ ଦିନ ମଧ୍ୟରେ ତାପମାତ୍ରା ୪୫ ଡିଗ୍ରୀ ସେଲସିଅସ୍ ପର୍ଯ୍ୟନ୍ତ ବଢିବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଏହା ସହିତ India Meteorological Department (ଆଇଏମଡି) ପକ୍ଷରୁ ଆସନ୍ତା ୭ ଦିନ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇ ସତର୍କ କରାଯାଇଛି । ଆଞ୍ଚଳିକ ପାଣିପାଗ ବିଭାଗର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି, ଏପ୍ରିଲ ୧୭ ପର୍ଯ୍ୟନ୍ତ ରାଜ୍ୟର କୋଷ୍ଟାଲ୍ ଓ ଭିତର ଅଞ୍ଚଳରେ ଭୟଙ୍କର ଗରମ ଓ ଅଧିକ ଆର୍ଦ୍ରତା ଅନୁଭବ ହେବ । ଏହି ସମୟରେ କୌଣସି ବଡ଼ ପରିମାଣର ବର୍ଷା ଆଶା କରାଯାଉନାହିଁ । ଏପର୍ଯ୍ୟନ୍ତ ଭୁବନେଶ୍ୱର, କଟକ ସହିତ ପଶ୍ଚିମ ଓଡିଶାର ସମ୍ବଲପୁର ଓ ଝାରସୁଗୁଡା ଭଳି ସହରଗୁଡ଼ିକରେ ତୀବ୍ର ଗ୍ରୀଷ୍ମ ପ୍ରବାହ ଅନୁଭବ ହେଉଛି । ଶୁଷ୍କ ଉତ୍ତର-ପଶ୍ଚିମ ପବନ ଓ ସ୍ୱଷ୍ଟ ଆକାଶ ହେତୁ ତାପମାତ୍ରା ଲଗାତାର ବୃଦ୍ଧି ପାଉଛି ।

## ଏସ୍‌ସିବି ମେଡ଼ିକାଲରେ ଅଗ୍ନିକାଣ୍ଡ ମାମଲାର ବିଚାର ବିଭାଗୀୟ ତଦନ୍ତ ଆରମ୍ଭ

**କଟକ, ୧୩।୪(ପ୍ରବାହ ନ୍ୟୁଜ) :** କଟକ ଏସସିବି ମେଡ଼ିକାଲର ଟ୍ରମା କେୟାର ୟୁନିଟ୍ ଆଇସିୟୁରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାର ବିଚାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି । ଜିଲ୍ଲା ଅଦାଲତର ବିଚାରପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ଡାକ୍ତରଖାନାରେ ପହଁଚି ଯାଞ୍ଚ କରିଛନ୍ତି । ଏହି କମିଟି ଆସନ୍ତା ୧୫ ଦିନ ମଧ୍ୟରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବେ । ମାର୍ଚ୍ଚ ୧୫ ତାରିଖ ବିଳମ୍ବିତ ରାତିରେ ଏସସିବି ମେଡ଼ିକାଲରେ ଆଇସିୟୁରେ ଭୟାବହ ଅଗ୍ନିକାଣ୍ଡ ହୋଇଥିଲା । ଏଥିରେ ଚିକିତ୍ସାଧୀନ ଥିବା ୧୨ ଜଣ ରୋଗୀଙ୍କର ମୃତ୍ୟୁ ହୋଇଥିଲା । ମୁଖ୍ୟମନ୍ତ୍ରୀ ତୁରନ୍ତ କ୍ଷେତ୍ର ପରିଦର୍ଶନ କରି ସହାୟତା ଘୋଷଣା କରିବା ସହିତ ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## ଦଣ୍ଡୁଆଙ୍କ ମୃତ୍ୟୁ ଘଟଣାର ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

**ଆର୍ଥିକ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

**ଢେଙ୍କାନାଳ, ୧୩।୪(ପ୍ରବାହ ନ୍ୟୁଜ) :** ଢେଙ୍କାନାଳ ଜିଲ୍ଲା ପାଟଳା ଗାଁରେ ଦଣ୍ଡନାଚ ପ୍ରସ୍ତୁତି ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୩ ଜଣ ପାଟୁଆଙ୍କ ପ୍ରାଣହାନୀ ଘଟିଥିବା ବେଳେ ୨ ଜଣ ଗୁରୁତର ଅଛନ୍ତି । ଏହି ହୃଦୟବିଦାରକ ଘଟଣା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି । ଦଣ୍ଡନାଚ ପାଇଁ ଖୁସିର ମାହୋଲ ଫିକା ପଡ଼ିଯାଇଛି । ନ୍ୟାୟ ଦାବିରେ ପ୍ରତିବାଦ କରି ହିନ୍ଦୋଳରେ ରାସ୍ତାରୋକ କରିଛନ୍ତି ସ୍ଥାନୀୟ ବାସିନ୍ଦା । ରାସ୍ତାରୋକ ଯୋଗୁଁ ଗାଡ଼ି ମୋଟର ଚଳାଚଳ ବନ୍ଦ ରହିଛି । ସାତମାଇଲ ଠାରେ ଉତ୍ତ୍ୟକ୍ତ ଲୋକ ରାସ୍ତାରୋକ କରିଛନ୍ତି । ଚାରିଟା ଦାବି ନେଇ ସେମାନେ ଆନ୍ଦୋଳନ କରୁଛନ୍ତି । ବିଦ୍ୟୁତ ବିଭାଗର ଅବହେଳା ପାଇଁ ୩ଟି ମୂଲ୍ୟବାନ ଜୀବନ ଅକାଳରେ ଚାଲିଯାଇଥିବା ଲୋକେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏଥିସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି ।

### ବନ୍ଧା ହେଲେ କୋଟିପତି ରେଞ୍ଜର

**ରାୟଗଡ଼ା, ୧୩।୪(ପ୍ରବାହ ନ୍ୟୁଜ) :** ବନ୍ଧା ହେଲେ କୋଟିପତି ରେଞ୍ଜର । ରାୟଗଡ଼ା ଜିଲ୍ଲା ଗୁଡ଼ାରି ରେଞ୍ଜର ଫରେଷ୍ଟ ରେଞ୍ଜ ଅଫିସର ସୁକୁମାର ଡୁଙ୍ଖୁଙ୍କୁ ରବିବାର ଦୁର୍ନୀତି ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି । ସେ ଠିକାଦାରଙ୍କୁ ବିଭିନ୍ନ ଜଙ୍ଗଲ ବିଭାଗ ଯୋଜନାର କାମ ପାଇଁ 'ପିସି' ନାମରେ ଅବୈଧ ଟଙ୍କା ଆଦାୟ କରୁଥିବା ଅଭିଯୋଗ ଥିଲା । ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଆଧାରରେ ରେଞ୍ଜରଙ୍କ ଉପରେ ନଜର ରଖାଯାଇଥିଲା । ସେ ଗୁଡ଼ାରିରୁ ନବରଙ୍ଗପୁରର ସେନାପତି ଷ୍ଟ୍ରିଟ୍ ଘରକୁ ଯାଉଥିବା ବେଳେ ଇନ୍ଦ୍ରାବତୀ ସେତୁ ନିକଟରେ ତାଙ୍କୁ ଭିଜିଲାନ୍ସ ଧରିଥିଲା । ତାଙ୍କ ନିକଟରୁ ୨ ଲକ୍ଷ ୩୩ ହଜାର ଟଙ୍କା ଜବତ କରାଯାଇଥିଲା, ଯାହାର ସନ୍ତୋଷଜନକ ଉତ୍ତର ସେ ଦେଇପାରି ନ ଥିଲେ । ଏହା ପରେ ଭିଜିଲାନ୍ସ ଟିମ୍ ନବରଙ୍ଗପୁରର ଘର, ରାୟଗଡ଼ା ଗୁମୁଡ଼ାର ସରକାରୀ କ୍ୱାର୍ଟର ଓ ଗୁଡ଼ାରି ଅଫିସରେ ଏକକାଳୀନ ଚଢ଼ାଉ କରିଥିଲେ । ଏହା ସହିତ ସରକାରୀ ବୋଲେରୋ ଗାଡ଼ିକୁ ମଧ୍ୟ ଜବତ କରାଯାଇଛି । ଏହି ଘଟଣାରେ କୋରାପୁଟ ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି ।

*ଗାଜିଆବାଦ ଶିଶୁ ଦୁଷ୍କର୍ମ ମାମଲା*

## ସୁପ୍ରିମକୋର୍ଟ ମାଗିଲେ ସମ୍ପୂର୍ଣ୍ଣ ରିପୋର୍ଟ

**ଗାଜିଆବାଦ, ୧୩।୪(ପ୍ରବାହ ନ୍ୟୁଜ) :** ଶିଶୁ ଦୁଷ୍କର୍ମ ମାମଲାରେ ଉତ୍ତର ପ୍ରଦେଶ ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି ଯେ ଏହି ମାମଲାରେ ଚାର୍ଜସିଟ୍ ଦାଖଲ ସରିଛି । ଅନ୍ୟପଟେ ଆବେଦନକାରୀ ପୋଲିସର କାର୍ଯ୍ୟାନୁଷ୍ଠାନରେ ବିଳମ୍ବ, ରଓଜରେ ରହିଥିବା ତ୍ରୁଟି ଏବଂ ଏସଆଇଟି ଗଠନ ପାଇଁ ଦାବି କରିଛନ୍ତି । ସୁପ୍ରିମକୋର୍ଟ ସ୍ଥିତି ରିପୋର୍ଟର ଯାଞ୍ଚ କରିବା ସହ ଆବେଦନକାରୀଙ୍କୁ ସମସ୍ତ ଦସ୍ତାବେଜ ଯୋଗାଇଦେବାକୁ ଏବଂ ସମ୍ପୃକ୍ତ ଡାକ୍ତରଖାନାଗୁଡ଼ିକରୁ ସପଥପତ୍ର ମାଗିବାକୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ବର୍ତ୍ତମାନ ପାଇଁ ଝଓଞ୍ଚ ଗଠନ ଉପରେ କୌଣସି ତୁରନ୍ତ ଆଦେଶ ଦେଇନାହାନ୍ତି । ଗାଜିଆବାଦ ଶିଶୁ ଦୁଷ୍କର୍ମ ମାମଲାରେ ୟୁପି ସରକାର କୋର୍ଟରେ କହିଛନ୍ତି ଯେ ଏପ୍ରିଲ ୩ ତାରିଖରେ ଚାର୍ଜସିଟ୍ ଦାଖଲ ହୋଇସାରିଛି ଏବଂ ଟ୍ରାୟଲ୍ କୋର୍ଟ ଏହାକୁ ଗ୍ରହଣ କରିଛନ୍ତି । ଏଏସଜି (ଇଝଏ) ଐଶ୍ୱର୍ଯ୍ୟା ଭାଟି କହିଛନ୍ତି ଯେ ଆବେଦନ ଦାଖଲ ହେବା ପୂର୍ବରୁ ହିଁ ଚାର୍ଜସିଟ୍ ଦାଖଲ କରାଯାଇଥିଲା ।

# କୌଣସି ବନ୍ଦର ସୁରକ୍ଷିତ ରହିବ ନାହିଁ

### ଘେରାବନ୍ଦୀ ନେଇ ଆମେରିକାକୁ ଇରାନର ଚେତାବନୀ



**ତେହେରାନ, ୧୩।୪(ପ୍ରବାହ ନ୍ୟୁଜ) :** ଇରାନ୍ ଚେତାବନୀ ଦେଇଛି ଯେ ଯଦି ତାର ବନ୍ଦରଗୁଡ଼ିକ ପ୍ରତି ବିପଦ ଆସେ, ତେବେ ପାରସ୍ୟ ଉପସାଗର କିମ୍ବା ଓମାନ ସାଗରରେ କୌଣସି ବନ୍ଦର ସୁରକ୍ଷିତ ରହିବ ନାହିଁ । ଆମେରିକାର ସେହି ନିଷ୍ପତ୍ତି ପରେ ଏହି ବୟାନ ଆସିଛି, ଯେଉଁଥିରେ ଇରାନର ଘେରାବନ୍ଦୀ କରିବାକୁ ଘୋଷଣା କରାଯାଇଥିଲା । ଏହା ଅଧୀନରେ ଆମେରିକୀୟ ନୌସେନା ଇରାନୀ ବନ୍ଦର ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରୁ କୌଣସି ବି ଜାହାଜର ଯାତାୟାତ ଉପରେ ପ୍ରତିବନ୍ଧକ ଲଗାଇଦେବ । ଆମେରିକା ବିଶ୍ୱାସ କରେ ଯେ ଏହାଦ୍ୱାରା ଇରାନ୍ ଉପରେ ଚାପ ବଢ଼ିବ ଏବଂ ସେ ହୋର୍ମୁଜ ପ୍ରଣାଳୀକୁ ଖୋଲିବା ସହିତ ଆଲୋଚନାର ବାକି ସର୍ତ୍ତଗୁଡ଼ିକୁ ମାନିବା ପାଇଁ ପ୍ରସ୍ତୁତ ହୋଇଯିବ । ତେବେ, ଇରାନ୍ ମଧ୍ୟପ୍ରାଚ୍ୟର ଦେଶଗୁଡ଼ିକୁ ଧମକ ଦେଇ ନିଜର ଆଭିମୁଖ୍ୟ ସ୍ୱଷ୍ଟ କରିଦେଇଛି । ଆମେରିକୀୟ ସେନା ଘୋଷଣା କରିଥିଲା ଯେ ଇସଲାମାବାଦରେ ଯୁଦ୍ଧବିରତି ଆଲୋଚନା ବିଫଳ ହେବା ପରେ ଇରାନ୍ ଉପରେ ଚାପ ବଢ଼ାଇବା ଉଦ୍ଦେଶ୍ୟରେ ସେ ଇରାନୀ ବନ୍ଦରଗୁଡ଼ିକରେ ପ୍ରବେଶ କରୁଥିବା କିମ୍ବା ସେଠାରୁ ବାହାରୁଥିବା ଜାହାଜଗୁଡ଼ିକୁ ଅଟକାଇବା ଆରମ୍ଭ କରିଦେବ । ବାହାରିନ୍‌ରେ ଥିବା ଆମେରିକୀୟ ନୌସେନାର ପଞ୍ଚମ ବେଡା ଏଥିପାଇଁ ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଦେଇଛି । ଏହା ଅଧୀନରେ ପାରସ୍ୟ ଉପସାଗର, ଆରବ ସାଗର ଏବଂ ତାହା ସହିତ ସଂଲଗ୍ନ ଅଞ୍ଚଳଗୁଡ଼ିକରେ ବଡ଼ ଧରଣର ସାମରିକ ମୁତୟନ କରିବାର ଅଛି । ତେବେ, ଏହି ସମୟରେ ଆମେରିକୀୟ ସେନାକୁ ଇରାନର ପ୍ରତିରୋଧର ମଧ୍ୟ ସାମ୍ନା କରିବାକୁ ପଡ଼ିବ, ଯାହା ମୁଖ୍ୟତଃ ତାର ବୁଡ଼ାଜାହାଜ ଏବଂ ସାମୁଦ୍ରିକ ବୋମାରୁ ମିଳିପାରେ । ଏହି ସମୟରେ, ଇରାନର ସେନା ଏବଂ ରିଭୋଲ୍ୟୁସନାରୀ ଗାର୍ଡସ୍ (ଓଜଏଉ) ଧମକ ଦେଇ କହିଛନ୍ତି ଯେ ଆଞ୍ଚଳିକ ସାମୁଦ୍ରିକ ସୁରକ୍ଷା ଉପରେ କୌଣସି ବୁଝାମଣା କରାଯିବ ନାହିଁ । ଓଜଏଉ ଧମକ ଦେଇ କହିଛି ଯେ ପାରସ୍ୟ ଉପସାଗର ଏବଂ ଓମାନ ସାଗରରେ ସୁରକ୍ଷା ହୁଏତ ସମସ୍ତଙ୍କ ପାଇଁ ଅଛି କିମ୍ବା କାହାରି ପାଇଁ ନାହିଁ । ସେ କହିଛି ଯେ ଯଦି ଆମେରିକୀୟ ସେନା ଇରାନର ଘେରାବନ୍ଦୀ କରେ, ତେବେ ଏହାଦ୍ୱାରା ଅଞ୍ଚଳରେ କୌଣସି ବି ବନ୍ଦର ସୁରକ୍ଷିତ ହେବ ନାହିଁ । ଇରାନର ଏହି ଧମକ ସିଧାସଳଖ ଭାବେ ମଧ୍ୟପ୍ରାଚ୍ୟରେ ଆମେରିକାର ସହଯୋଗୀ ଦେଶଗୁଡ଼ିକ ପାଇଁ ଚେତାବନୀ ବୋଲି ମାନିନିଆଯାଉଛି । ଏହି ଦେଶଗୁଡ଼ିକ ପୂର୍ବରୁ ହିଁ ଇରାନର ଡ୍ରୋନ୍ ଏବଂ ମିସାଇଲ୍ ଆକ୍ରମଣରେ ଅତିଷ୍ଠ ହୋଇଛନ୍ତି ଏବଂ ଜୀବନ ଓ ସମ୍ପତ୍ତିର ବହୁତ କ୍ଷତି ସହିସାରିଛନ୍ତି । ଆମେରିକୀୟ ଅଶୋଧିତ ତେଲର ମୂଲ୍ୟ ୮ ପ୍ରତିଶତ ବଢ଼ି ବ୍ୟାରେଲ୍ ପିଛା ୧୦୪.୨୪ ଆମେରିକୀୟ ଡଲାର ହୋଇଯାଇଛି । ଆନ୍ତର୍ଜାତୀୟ ମାନକ ବ୍ରେଣ୍ଟ ଅଶୋଧିତ ତେଲର ମୂଲ୍ୟ ୭ ପ୍ରତିଶତ ବଢ଼ି ୧୦୨.୨୯ ଆମେରିକୀୟ ଡଲାରରେ ପହଞ୍ଚିଛି । ଇରାନ୍ ଯୁଦ୍ଧ ସମୟରେ ବ୍ରେଣ୍ଟ ଅଶୋଧିତ ତେଲ ଦରରେ ବହୁତ ପରିବର୍ତ୍ତନ ଦେଖାଦେଇଛି ।

## ବିଚିତ୍ର ଗାଁ କୁଳଧରା

# ରାତିରେ ଯିଏ ଯାଇଛି, ସେ ଆଉ ଫେରି ନାହିଁ



ଦୁନିଆରେ ଏମିତି ଏକ ଗାଁ ରହିଛି , ଯେଉଁଠି ଦିନବେଳା ବି ସେହି ଗାଁକୁ ଯିବାକୁ ଭୟ କରନ୍ତି ଲୋକେ । ସେଠାରେ ରାତିରେ ଯିଏ ରହିଛି, ଆଉ ସେଠାରୁ ଫେରିନାହିଁ ବୋଲି ଲୋକେ କହନ୍ତି । ଏପରି ମଧ ପର୍ଯ୍ୟଟକମାନେ ଦିନ ସମୟରେ ଏହି ଗ୍ରାମ ମଧକୁ ଯାଇ ସଂଧ୍ୟା ପୂର୍ବରୁ ଫେରିବାର ନିୟମ ରହିଛି । ସଂଧ୍ୟା ୬ଟା ପରେ ଏହା ଭିତରେ କେହି ରହିବେ ନାହିଁ କିମ୍ବା ଏହା ମଧକୁ କେହି ପ୍ରବେଶ କରିବା ଉପରେ କଡା କଟକଣା ଲଗାଯାଇଛି । ଅନେକ ବର୍ଷ ହେବ ଏଠାରେ ଜନବସତି ନାହିଁ। ଏହି ରହସ୍ୟମୟ ଗାଁଟି ହେଉଛି ରାଜସ୍ଥାନର କୁଳଧରା ଗାଁ । ଏହା ଜୈସଲମେରଠାରୁ ପ୍ରାୟ ୨୦ କିଲୋ ମିଟର ଦୂରରେ ରହିଛି। ଆଉ ସେଠାରେ ରାତିରେ ରହିବା ତ ସମ୍ପୂର୍ଣ୍ଣ ଭାବରେ ନିଷେଧ । ହଠାତ୍ ରାତାରାତି କୁଳଧରା ଗାଁ ଜନଶୂନ୍ୟ ହୋଇଯାଇଥିଲା। ଆଜି ପର୍ଯ୍ୟନ୍ତ ଲୋକ ଏହାର କାରଣ ଜାଣିପାରିନାହାନ୍ତି। ଏହି ଗାଁର କାହାଣୀ ପ୍ରାୟ ୨୦୦ ବର୍ଷ ପୁରୁଣା।

ରାଜସ୍ଥାନର ଜୈସଲମେର ଜିଲାରେ ରହିଛି ଏହି ଗାଁ । ଆଜକୁ ପ୍ରାୟ ୨୦୦ ବର୍ଷ ତଳେ କୁଳଧରା ଗାଁରେ ବହୁ ସଂଖ୍ୟାରେ ପଲିୱାଲ୍ ବ୍ରାହ୍ମଣ ବାସ କରୁଥିଲେ। ୧୮୨୫ରେ ହଠାତ ଏହି ଗାଁ ଖାଲି ହୋଇଗଲା। କୁହାଯାଏ ଗାଁକୁ ଖାଲି କରିବା ବେଳେ ଲୋକମାନେ ଅଭିଶାପ ଦେଇଥିଲେ ଏହି ଗାଁରେ କେହିବି କେବେ ରହି ପାରିବେ ନାହିଁ । ଏହି ଘଟଣା ପରଠାରୁ ଏହି ଗାଁ ଜନଶୂନ୍ୟ ହୋଇ ପଡିଛି। ଏହି ଗାଁ ଭୂତିଆ ଗାଁ ବୋଲି କୁହାଯାଉଛି। ଏହି ଗାଁରେ ବହୁତ ପୁରୁଣା ଘର ରହିଛି ଯାହାକି ଏବେ ମାଟିରେ ମିଶିବାକୁ ଲାଗିଲାଣି। ରାଜସ୍ଥାନ ସରକାର ୨୦୧୦ ଦଶନ୍ଧିରେ ଏହାକୁ ଏକ ପର୍ଯ୍ୟଟନ ସ୍ଥଳ ଭାବରେ ଗଢିବାକୁ ନିଷ୍ପତ୍ତି ନେଇଥିଲେ ।

ପ୍ରକାଶ ଯେ, ଏହି ଗାଁ ଜୈସଲମେର ସାମ୍ରାଜ୍ୟର ସବୁଠାରୁ ସମୃଦ୍ଧିଶାଳୀ ଗ୍ରାମ ଥିଲା। ଏହି ଗ୍ରାମରୁ ସର୍ବାଧିକ ରାଜସ୍ୱ ଆସୁଥିଲା। ସୂଚନାନୁସାରେ, ଜୈସଲମେର ରାଜ୍ୟର ଦେଓ୍ୱାନ ସଲିମ ସିଂ କୁଳଧରାର ଜଣେ ସୁନ୍ଦରୀ ବ୍ରାହ୍ମଣ ଯୁବତୀଙ୍କୁ ଦେଖିବା ପରେ ତାଙ୍କୁ ବିବାହ କରିବାକୁ ଚାହିଁଥିଲେ । କିନ୍ତୁ ବ୍ରାହ୍ମଣ ସମୁଦାୟର ଲୋକେ ଏଥିରେ ରାଜି ହୋଇନଥିଲେ । ଫଳରେ ସଲିମ ଯୁବତୀଙ୍କୁ ବଳପୂର୍ବକ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ । ଉକ୍ତ ଯୁବତୀଙ୍କୁ ବିବାହ ନକଲେ ସେ ସେହି ଗାଁର ସମସ୍ତ ଲୋକଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ । ଏହା ପରେ ଗ୍ରାମରେ ଏକ ସଭା ବସିଥିଲା । ସମସ୍ତ ପରିବାର ନିଜର ଜୀବନ ବଞ୍ଚାଇବା ସହିତ ସେହି ଯୁବତୀଙ୍କୁ ସଲିମ ଠାରୁ ସୁରକ୍ଷା ଦେବାପାଇଁ ଉକ୍ତ ଗ୍ରାମ ଛାଡିବାକୁ ନିଷ୍ପତ୍ତି ନେଇଥିଲେ । ଫଳରେ ଗୋଟିଏ ରାତିରେ ସମସ୍ତ ଗ୍ରାମବାସୀ ନିଜ ପରିବାର, ଘରକରଣା ସାମଗ୍ରୀକୁ ଓଟ ପିଠିରେ ଲଦି କୁଳଧରା ଛାଡି ଚାଲିଯାଇଥିଲେ । ଗାଁ ଛାଡିବା ବେଳେ ସେମାନେ ଅଭିଶାପ ଦେଇଥିଲେ ସେହି ଗାଁରେ ଆଉ କେହି ଜଣେ ବି ରହିପାରିବେ ନାହିଁ ।





ଏହାପରେ ଉକ୍ତ ଗ୍ରାମକୁ ଦଖଲ କରିବାକୁ ଅନେକ ଲୋକ ଚେଷ୍ଟା କରିଛନ୍ତି । କିନ୍ତୁ ସେମାନଙ୍କ ମଧରୁ କେହି ଜଣେ ହେଲେ ସଫଳ ହୋଇନାହାନ୍ତି । କାଳକ୍ରମେ ତାହା ଭୂତ ପ୍ରେତ ରହୁଥିବା ଗାଁ ଭାବରେ ଅଞ୍ଚଳରେ ପରିଚିତ ହେବାକୁ ଲାଗିଲା । ଗ୍ରାମ ମଧକୁ ଯିବା ପାଇଁ ଜଣ ପିଛା ୫୦ ଟଙ୍କା ଟିକେଟ ରହିଛି । ଏହାର ମଧସ୍ଥଳରେ ରହିଛି ଏକ ଦେବୀ ମନ୍ଦିର । ଏବେ ଗାଁରେ ପ୍ରାୟ ୪୧୦ଟି ଘରର ଭଗ୍ନାବଶେଷ ରହିଛି ।

## ସୁନା ପ୍ଲେଟ୍‌ରେ ନିର୍ମିତ ହୋଟେଲ

## ଗୋଟିଏ ରାତ୍ରିଯାପନ ପାଇଁ ୧୦ ଲକ୍ଷ ଟଙ୍କା



ସାଉଦି ଆରବର ଦୁବାଇରେ ବିଶ୍ୱର ଏକମାତ୍ର ଦଶ ତାରକା ହୋଟେଲ 'ଜୁମିରା ବୁର୍ଜ ଅଲ ଆରବ' ରହିଛି। ଦୁବାଇର ଏକ କୃତ୍ରିମ ଦ୍ୱୀପରେ ନିର୍ମିତ ଏହି ହୋଟେଲ ଅତ୍ୟନ୍ତ ବିଳାସପୂର୍ଣ୍ଣ ହୋଇଥିବା ବେଳେ ଏହାର ଆକାର ଏକ ଡଙ୍ଗା ପରି ରହିଛି। ଆର୍କିଟେକ୍ଟ ଟମ୍ ରାଇଟ୍ ଏହି ହୋଟେଲର ଡିଜାଇନ୍ କରିଥିଲେ। ୧୯୯୯ ମସିହାରେ ଏହି ହୋଟେଲର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ତେବେ ୩୨୧ ମିଟର ଉଚ୍ଚତାର ଏହି ହୋଟେଲ ବିଶ୍ୱର ସବୁଠାରୁ ଉଚ୍ଚ ହୋଟେଲ ଭାବେ ମଧ



ପରିଚିତ। ପିକ୍ ସିଜନରେ ବୁର୍ଜ ଅଲ୍ ଆରବ ହୋଟେଲରେ ଗୋଟିଏ ରାତ୍ରିଯାପନ ପାଇଁ ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟ ଦେବାକୁ ପଡ଼ିଥାଏ। ତେଣୁ କେବଳ ଭିଆଇପି ଓ ସେଲିବ୍ରିଟିମାନେ ଏହି ହୋଟେଲରେ ଛୁଟି କଟାଇବାକୁ ଆସିଥାନ୍ତି। ଏହି ଅଲଟ୍ରା ବିଳାସପୂର୍ଣ୍ଣ ହୋଟେଲରେ ବୁକିଂ କରୁଥିବା ଲୋକଙ୍କୁ ଏକ ଘରୋଇ ଜେଟ୍ ଦ୍ୱାରା ସ୍ୱାଗତ କରାଯାଇଥାଏ।

ସେହିପରି ଅନେକ ବିଳାସପୂର୍ଣ୍ଣ ଯାନ ସେମାନଙ୍କୁ ପାଛୋଟି ନେବାକୁ ଆସିଥାନ୍ତି। ଏହି ହୋଟେଲର ଭିତର ଅଂଶ ୨୪ କ୍ୟାରେଟ୍ ସୁନା ପ୍ଲେଟ୍‌ରେ ନିର୍ମିତ। ସେହିପରି 'ଜୁମିରା ବୁର୍ଜ ଅଲ ଆରବ'ରେ ଗ୍ରାହକମାନଙ୍କୁ ବିଶ୍ୱର ସର୍ବୋତ୍ତମ ଖାଦ୍ୟ ପରଷା ଯାଇଥାଏ। ଏହି ହୋଟେଲରେ ଏକ ଅଣ୍ଡର ୱାଟର ରେଷ୍ଟୁରାଣ୍ଟ ମଧ ରହିଛି।

# ହାତରୁ କାହିଁକି ଶୀଘ୍ର ଲିଭେନି ନିର୍ବାଚନୀ



ମଣିଷ ତାର ମତଦାନକୁ ୫ ବର୍ଷରେ ଥରେ ସାବ୍ୟସ୍ତ କରେ । ଏହି ମତଦାନ ବେଳେ ନିର୍ବାଚନ ଅଧିକାରୀମାନେ ଆଙ୍ଗୁଠିରେ ଲଗାଉଥିବା ସ୍ୟାହି ବା କାଳିରେ କେଉଁ ରାସାୟନିକ ପଦାର୍ଥ ବ୍ୟବହାର କରାଯାଏ ଆସନ୍ତୁ ଜାଣିବା ....

ଦେଶରେ ବିଧାନସଭାଠାରୁ ଆରମ୍ଭ କରି ଲୋକସଭା ନିର୍ବାଚନ ପର୍ଯ୍ୟନ୍ତ ନିର୍ବାଚନ ଅଧିକାରୀମାନେ ଭୋଟ ଦେବା ପରେ ବାମ ଆଙ୍ଗୁଠିରେ ସ୍ୟାହି ଲଗାଇଥାନ୍ତି। ସ୍ୟାହିର ଏହି ପ୍ରୟୋଗରୁ ଜଣାପଡେ ଯେ ବ୍ୟକ୍ତି ଜଣକ ଭୋଟ ଦେଇଛନ୍ତି । ଅନ୍ୟ ଏକ ଦିଗ ହେଉଛି ଯେ କୌଣସି ବ୍ୟକ୍ତି ଦୁଇ ଥର ନିଜର ମତଦାନ ଅଧିକାର ବ୍ୟବହାର କରିପାରିବେ ନାହିଁ। ନିର୍ବାଚନ ଆୟୋଗ ବ୍ୟବହାର କରୁଥିବା ସ୍ୟାହି ସହଜରେ ଧୋଇ ନ ଥାଏ, ସେଥିପାଇଁ ଏହାକୁ ଇଣ୍ଡେଲିବଲ୍ ସ୍ୟାହି ମଧ କୁହାଯାଏ। କିନ୍ତୁ ଆପଣ ମଧ ଭାବୁଛନ୍ତି କି ଏହି କାଳିରେ ଏମିତି କିଛି ରାସାୟନିକ ପଦାର୍ଥ ରହିଛି ଯାହା ପ୍ରୟୋଗ ପରେ ବାହାର କରିବା କଷ୍ଟକର ହୋଇଥାଏ ।

ଏବେ ପ୍ରଶ୍ନ ଉଠୁଛି ନିର୍ବାଚନ ପାଇଁ ବ୍ୟବହୃତ ହେଉଥିବା ସ୍ୟାହିରେ କେଉଁ ରାସାୟନିକ ପଦାର୍ଥ ବ୍ୟବହାର କରାଯାଏ । ନିର୍ବାଚନୀ କାଳି ତିଆରି କରିବା ପାଇଁ ସିଲଭର ନାଇଟ୍ରେଟ ବ୍ୟବହାର କରାଯାଉଥିବା ଜଣାପଡିଛି । ସୂଚନା ଅନୁଯାୟୀ, ସିଲଭର ନାଇଟ୍ରେଟ୍‌କୁ ଚୟନ କରାଯାଇଥିଲା କାରଣ ଏହା ପାଣି ସଂସ୍ପର୍ଶରେ ଆସିବା ପରେ କଳା ହୋଇଯାଏ ଏବଂ ଧୋଇ ନ ଥାଏ ।

ସୂଚନାଯୋଗ୍ୟ, ନିର୍ବାଚନ ଅଧିକାରୀମାନେ ଭୋଟରଙ୍କ ଆଙ୍ଗୁଠିରେ ନୀଳ ସ୍ୟାହି ଲଗାଇଲେ ସିଲଭର ନାଇଟ୍ରେଟ ଆମ ଶରୀରରେ ଥିବା ଲବଣ ସହ ମିଶି ସିଲଭର କ୍ଲୋରାଇଡ ତିଆରି କରିଥାଏ, ଯାହାର ରଙ୍ଗ କଳା ହୋଇଥାଏ। ସିଲଭର କ୍ଲୋରାଇଡ ପାଣିରେ ଦ୍ରବୀଭୂତ ହୁଏ ନାହିଁ ଏବଂ ତ୍ୱଚା ସହିତ ଜଡିତ ରହିଥାଏ । କେବଳ ସେତିକି ନୁହେଁ, ଆଲୋକ ସଂସ୍ପର୍ଶରେ ଆସିଲେ ଏହି ଚିହ୍ନ ଆହୁରି ଗଭୀର ହୋଇଯାଏ। ଏହି ନିର୍ବାଚନୀ ସ୍ୟାହି ଏତେ ଶକ୍ତିଶାଳୀ ଯେ ଏହା ଆଙ୍ଗୁଠିରେ ପ୍ରୟୋଗ ହେବାର ଗୋଟିଏ ସେକେଣ୍ଡ ମଧରେ ନିଜର ଚିହ୍ନ ଛାଡି ଦେଇଥାଏ। ଏହାବ୍ୟତୀତ ଏଥିରେ ଆଲକୋହଲ ଥିବାରୁ ଏହା ୪୦ ସେକେଣ୍ଡରୁ କମ ସମୟ ମଧରେ ଶୁଖିଯାଏ । ନିର୍ବାଚନରେ ବ୍ୟବହୃତ ହେଉଥିବା ଏହି ସ୍ୟାହି କେବଳ ଭାରତରେ ନୁହେଁ ବରଂ ବିଶ୍ୱର ୩୦ରୁ ଅଧିକ ଦେଶରେ ବ୍ୟବହୃତ ହୁଏ । ସରକାରୀ ତଥ୍ୟ ଅନୁଯାୟୀ, ମହୀଶୂର ପେଣ୍ଟସ ଆଣ୍ଡ ୱାର୍ନିଶ ଲିମିଟେଡ ପକ୍ଷରୁ ୨୫ରୁ ଅଧିକ ଦେଶକୁ ଏହି ସ୍ୱତନ୍ତ୍ର ସ୍ୟାହି ଯୋଗାଇ ଦିଆଯାଉଛି।





ଜୀବନସାଥୀ ବାଛିବାର ମାପ କେବେ ବି ଶାରୀରିକ ଆକର୍ଷଣ ହେବା ଉଚିତ ନୁହେଁ। ପ୍ରାୟତଃ ପୁଅମାନେ ମହିଳାଙ୍କ ସୌନ୍ଦର୍ଯ୍ୟକୁ ଦେଖନ୍ତି ଏବଂ ତାଙ୍କ ଗୁଣକୁ ଅଣଦେଖା କରନ୍ତି। ଯେଉଁମାନେ ଏଭଳି କରନ୍ତି ସେମାନେ ବୈବାହିକ ଜୀବନରେ ସର୍ବଦା ଦୁଃଖ ପାଆନ୍ତି। ତେଣୁ କିପରି ବାଛିବା ଜୀବନ ସାଥୀ ...

# କିଭଳି ବାଛିବେ ନିଜର ଜୀବନସାଥୀ



◆ ଚାଣକ୍ୟ କୁହନ୍ତି ଜଣେ ବ୍ୟକ୍ତି ସମ୍ଭ୍ରାନ୍ତ ପରିବାରର ଝିଅକୁ ବିବାହ କରିବା ଉଚିତ। ତାଙ୍କର ରଙ୍ଗ କିଭଳି ଦେଖିବା ଉଚିତ ନୁହେଁ। ରଙ୍ଗ ସ୍ୱାଭାବିକ ହୋଇଥିଲେ ହେଁ ତାଙ୍କର ଗୁଣ କିଭଳି ତାହା ଦେଖିବା ଉଚିତ। ସେହିଭଳି ନିମ୍ନ ଜାତିର ଝିଅଙ୍କୁ ତାଙ୍କର ସୌନ୍ଦର୍ଯ୍ୟ ଦେଖି ବିବାହ କରିବା ଅନୁଚିତ। ଏପରି କରିବାକୁ ଭାବୁଥିଲେ ପ୍ରଥମେ ତାଙ୍କ ଗୁଣଗୁଡ଼ିକୁ ଭଲ ଭାବେ ପରୀକ୍ଷା କରିନିଅନ୍ତୁ।

◆ ଯେଉଁ ବ୍ୟକ୍ତିଙ୍କର ଧୈର୍ଯ୍ୟ ଅଛି, ସେ ସବୁ ପ୍ରକାର ପରିସ୍ଥିତିକୁ ସମ୍ଭାଳି ପାରିବେ। ଏଣୁ ସବୁବେଳେ ଧୈର୍ଯ୍ୟବାନ ସ୍ତ୍ରୀଙ୍କୁ ବାଛନ୍ତୁ। ବିବାହ ପୂର୍ବରୁ ସ୍ତ୍ରୀଙ୍କ ମଧରେ ଏହି ଗୁଣ ଅଛି କି ନାହିଁ ତାହାକୁ ପରଖି ନିଅନ୍ତୁ। କାରଣ ଏଭଳି ଗୁଣ ଥିବା ମହିଳା କଠିନ ପରିସ୍ଥିତିରେ ଆପଣଙ୍କ ସହ ଛିଡ଼ା ହୋଇଥାନ୍ତି।

◆ ଚାଣକ୍ୟଙ୍କ ଅନୁଯାୟୀ, ଜଣେ ନିଜ ପାଇଁ ରାଗି ସ୍ୱଭାବର ସ୍ତ୍ରୀ ବାଛିବା ଉଚିତ ନୁହେଁ। କାରଣ କ୍ରୋଧିତ ଲୋକମାନେ ସେମାନଙ୍କ ଆଖପାଖରେ ଥିବା ସୁଖକୁ ଅଣଦେଖା କରନ୍ତି। ରାଗି ଝିଅଙ୍କୁ ବିବାହ କଲେ ସୁଖୀ ଜୀବନ କଳ୍ପନା କରିବା ବୃଥା ଅଟେ। ସଫଳ ଦାମ୍ପତ୍ୟ ଜୀବନ ପାଇଁ ଜୀବନସାଥୀ ଶାନ୍ତ ସ୍ୱଭାବର ହେବା ଉଚିତ ବୋଲି ସେ କହିଛନ୍ତି।

◆ ଚାଣକ୍ୟ କୁହନ୍ତି, ଜୀବନସାଥୀ ସଂସ୍କାରୀ ହେବା ଆବଶ୍ୟକ। ଏହାଛଡ଼ା ନିଜ ଧର୍ମ ବିଷୟରେ ତାଙ୍କର ଜ୍ଞାନ ଥିବା ଜରୁରୀ।

## ଓଡିଶାର ୫ ପ୍ରସିଦ୍ଧ ମନ୍ଦିର

# ମାଛ ଭୋଗ କଲେ ପୂରଣ ହୁଏ ମନସ୍କାମନା

ଆମ ରାଜ୍ୟରେ ମନ୍ଦିର ଓ ଏହାର ଇତିହାସକୁ ନେଇ ଅନେକ ବିଶ୍ୱାସ ରହିଛି । ଯେତେ ମନ୍ଦିର ସେତେ ପରମ୍ପରା ସେତେ ବିଶ୍ୱାସ । ଦେବାଦେବୀଙ୍କୁ ପ୍ରସାଦରେ ଫଳ ଅନ୍ନ ଲାଗି ହେଉଥିବାର ଜାଣିଛନ୍ତି, କିନ୍ତୁ ଏପରି କିଛି ମନ୍ଦିର ଅଛି ଯେଉଁଠି ଦେବାଦେବୀଙ୍କୁ ଆଜି ବି ମାଛ ପ୍ରସାଦ ଭାବେ ଅର୍ପଣ କରାଯାଏ । ସବୁଠୁ ବଡ଼ କଥା ମାଛ ଭୋଗ ମାନସିକ ରଖି ଏଠାକାର ଭଗବାନଙ୍କୁ ମନାସିଲେ ସବୁ ମନୋସ୍କାମନା ପୂରା ହୋଇଥାଏ ବୋଲି କଥା ରହିଛି । ଆସନ୍ତୁ ଜାଣିବା ଓଡ଼ିଶାର ସେହି ମନ୍ଦିର ଗୁଡିକ ବିଷୟରେ..



◆ ଖୋର୍ଦ୍ଧା ଜିଲ୍ଲାରେ ଅବସ୍ଥିତ ମାଆ ଚଉଷଠି ଯୋଗିନୀ ମନ୍ଦିରରେ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ଦୁର୍ଗା ପୂଜା କରାଯାଏ । ଏଠାରେ ବିଶେଷତ୍ୱ ହେଉଛି ଏଠାରେ ଲାଗି ହେଉଥିବା ଭୋଗ । ମହାଷ୍ଟମୀର ମଧ୍ୟାହ୍ନ ରାତ୍ରିରେ ଏଠି ମାଛ ପୋଡା ବଳି ଦିଆଯାଏ ।

◆ ଓଡିଶାର ପୁରୀରେ ଅବସ୍ଥିତ ବିମଳା ଦେବୀଙ୍କ ମନ୍ଦିରରେ ମାଛ ଭୋଗ ଲଗାଯାଏ । ଶାରଦୀୟ ପୂଜାର ଶେଷ ତିନି ଦିନ ଶ୍ରୀ ଜଗନ୍ନାଥଙ୍କ ପହୁଡ ପରେ ଠାକୁରାଣୀଙ୍କୁ ସ୍ୱତନ୍ତ୍ର ଆମିଷ ସହ ଅନ୍ନପାକ ଭୋଗ ଲଗାଯାଏ । ବର୍ଷକରେ କେବଳ ସପ୍ତମୀରୁ ନବମୀ ପର୍ଯ୍ୟନ୍ତ ମାଙ୍କୁ ମାଛ ଭୋଗ ଦିଆଯାଏ ।

◆ ବାଣପୁରର ଆରାଧ୍ୟା ଦେବୀ ଜଗତଜନନୀ ମା'ଭଗବତୀଙ୍କ ବଡ଼ସିଂହାର ଧୂପରେ କେବଳ ଦହିପଖାଳକୁ ମାଛଗୁଣ୍ଡି ଭଜା ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଇ ଲାଗି ହେବାର ପରମ୍ପରା କେଉଁ ଆଦିମ କାଳରୁ ଚଳି ଆସିଛି ।

◆ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ମା'ବାସୁଳି ମନ୍ଦିର ଅବସ୍ଥିତ। ମା'ବାସୁଳି ମନ୍ଦିର ଉତ୍ତର ଓଡ଼ିଶାର ଅନ୍ୟତମ ସୁଖ୍ୟାତ ଓ ସର୍ବପ୍ରାଚୀନ ଶକ୍ତିପୀଠ ରୂପେ ପରିଚିତ। ମାନସିକଧାରୀମାନଙ୍କର ମାନସିକ ପୂରଣ ହୋଇଗଲା ପରେ ଶେଉଳ ମାଛ ଓ କ୍ଷୀରି ଲାଗି ହୁଏ ।

◆ କୋଣାର୍କ ପୁରୀ ବେଳା ମାର୍ଗରେ ଅବସ୍ଥିତ ମା'ରାମଚଣ୍ଡୀଙ୍କ ପୀଠରେ ଆମିଷ ଭୋଗ ଲାଗି ହୁଏ । କାହିଁ କେଉଁ କାଳରୁ ମାଙ୍କ ନିକଟରେ ପୋଡା ମାଛ ବଳିର ପରମ୍ପରା ରହିଛି । କୁଶଭଦ୍ରା ନଦୀ ମୁହାଣରେ ରହୁଥିବା ମତ୍ସ୍ୟଜୀବୀମାନେ ପ୍ରଥମ ମାଛ ପ୍ରଦାନ କରିଥାନ୍ତି ।






# ଶ୍ରୀରଘୁନାଥ ଜୀୟୁ ମନ୍ଦିରରେ ରାମଲୀଳା ଉଦ୍‌ଯାପିତ

ଆଠଗଡ,୧୩।୪(ପ୍ରବାହ ନ୍ୟୁଜ): ଆଠଗଡ ସହରସ୍ଥିତ ଶ୍ରୀ ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ନବମୀ ଠାରୁ ଆରମ୍ଭ ହୋଇଥିବା ଶ୍ରୀରାମ ଲୀଳା ଶନିବାର ରାତିରେ ରାବଣବଧ ଓ ରବିବାର ସକାଳୁ ଶ୍ରୀରାମ ଅଭିଷେକ ଅନୁଷ୍ଠିତ ହୋଇ ଉଦଯାପିତ ହୋଇଯାଇଛି । ଏହି ଅବସରରେ ଶ୍ରୀରାମ ଙ୍କ ରାଜ୍ୟାଭିଷେକ ପାରମ୍ପାରିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା । ମନ୍ଦିର ପ୍ରାଙ୍ଗଣରେ ମନ୍ଦିର ର ପୂଜକ ଭବାନୀ ଶଙ୍କର ପଣ୍ଡା ଙ୍କ ପୌରହିତ୍ୟରେ ହୋମ ଯଜ୍ଞ ସମାପନ କରିଥିଲେ । ପରେ ରାମ, ଲକ୍ଷ୍ମଣ,ସୀତା, ଭରତ, ଶତୃଘ୍ନ, ହନୁମାନ ବେଶରେ ସଜ୍ଜିତ କଳାକାରମାନେ ସୁସଜ୍ଜିତ ରଥରେ ରାମନାମ ଧ୍ୱନି ମଧ୍ୟରେ ନଗର ପରିକ୍ରମା କରିଥିଲେ । ଏହି ସମୟରେ ବିଭିନ୍ନ ସାହି ବସ୍ତି ଓ ବ୍ୟକ୍ତି ବିଶେଷ ମାନଙ୍କ ନିୟନ୍ତ୍ରଣ କ୍ରମେ ଝୋଟି ଚିତା ପକାଇ ପୁଷ୍ପ,ଧୂପ, ଦୀପ ଦେଇ ବନ୍ଦାପନା କରି ସ୍ୱାଗତ କରିଥିଲେ । ସଂନ୍ଧ୍ୟା ରେ ଘଟ ବିସର୍ଜନ ହୋଇଥିଲା । ଏଥିପାଇଁ ଶ୍ରୀ ରଘୁନାଥ



ମନ୍ଦିର ପ୍ରାଙ୍ଗଣ ଉତ୍ସବ ମୁଖର ହୋଇପଡିଥିଲା । ସମଗ୍ର ଅଞ୍ଚଳରେ ଏକ ସୁସ୍ଥ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ସଂନ୍ଧ୍ୟା ରେ ସାମୂହିକ ହ୍ୱିଷାର୍ନ୍ନ ଭୋଜନ ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ ଯେ ଆଠଗଡ ଗଡ଼ଜାତ ରେ ଏହି ରାମଲୀଳା ଅନ୍ୟତମ ଗଣପର୍ବ ଅଟେ ।ଶ୍ରୀରାମ ନବମୀ ଠାରୁ ଆରମ୍ଭ ହୋଇଥିବା ଏହି ପର୍ବରେ ଶର୍ଦ୍ଧାଳୁମାନେ ବ୍ରତଧାରଣ ପୂର୍ବକ ଗୃହତ୍ୟାଗ କରି ହବିଷାନ୍ନ ଭୋଜନ କରି ଦିନରେ ରାମାୟଣ ପାଠ କରି ବୈଠକି ଲୀଳା ସମାପନ ପରେ ରାତ୍ରୀରେ ଶ୍ରୀ ରାମଲୀଳା ନୃତ୍ୟ ଅଭିନୟ ପରିବେଷଣ ହୋଇଥାଏ ।ଏହି ସମୟରେ ବହୁ ମାନସିକ ଧାରୀ ନିଜର ଅଭିଷ୍ଟ ଫଳ,ଦେହ ଆରୋଗ୍ୟ ସନ୍ତାନ, ସନ୍ତତି କାମନା ଓ ମଙ୍ଗଳ ଉଦ୍ଦେଶ୍ୟରେ ବ୍ରତ ଧାରଣ କରି ମୁଣ୍ଡନ,ଅନ୍ନଦାନ ଆଦି କରିଥାନ୍ତି । ଶ୍ରୀ ରଘୁନାଥ ଜୀୟୁ ଙ୍କର ଏହି ମୁଖ୍ୟ ପର୍ବ ପାଇଁ ଆଠଗଡ ଦେବୋତ୍ତର ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ।ଏହି ରାମଲୀଳା ଆଠଗଡ ଅଞ୍ଚଳର ସର୍ବ ପୁରାତନ ଅନୁଷ୍ଠାନ ଶ୍ରୀ ଶ୍ରୀ ରଘୁନାଥ ଜୀୟୁ ରାମଲୀଳା ନାଟ୍ୟ ସଂଘ ପକ୍ଷରୁ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ଦୀର୍ଘ ୧୬ ଦିନ ଧରି ପାଳନ କରାଯାଇଥାଏ ।ସଂଘର ସଂପାଦକ ପ୍ରତାପ ବେହେରାଙ୍କ ସଂଯୋଜନା ରେ ଚଳିତ ବର୍ଷ ଅନେକ ଉତ୍ସାହୀ ଯୁବକ ଯୋଗଦେଇ ଏହି ପାରମ୍ପାରିକ ଲୋକ କଳାରେ ନିଜର ନିଖୁଣ ଅଭିନୟ ମାଧ୍ୟମରେ ଆଗେଇ ନେବାରେ ସହାୟକ ହୋଇଥିଲେ । ଆଗାମୀ ବର୍ଷ ଏହାକୁ ଅଧିକ ସୁସଙ୍ଗଠିତ କରାଯାଇ ଦର୍ଶକ ମାନଙ୍କୁ ଭେଟି ଦିଆଯିବ ବୋଲି ଅନୁଷ୍ଠାନ ର ସଭାପତି ପ୍ରଭାକର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ପ୍ରଧାନ, ଉପ ସଭାପତି ଦୁର୍ଗା ପ୍ରସାଦ ସ୍ୱାଇଁ, ସହ ସମ୍ପାଦକ ସୁଧାଂଶୁ ଶେଖର ଦଳେଇ ପ୍ରମୁଖ ସୂଚନା ଦେଇଛନ୍ତି ।

# ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡ଼ା,୧୩।୪(ପ୍ରବାହ ନ୍ୟୁଜ): ଜିଲ୍ଲା ପରିଷଦ କେନ୍ଦ୍ରାପଡ଼ାର ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସାଧାରଣ ଲୋକମାନେ ନିଜ ନିଜ ସମସ୍ୟା ଓ ଅଭିଯୋଗ ଗୁଡ଼ିକୁ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ । ଆଜିର ଶିବିରରେ ମୋଟ ୭୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୬୧ଟି ବ୍ୟକ୍ତିଗତ ଏବଂ ୧୦ଟି ସାମୁହିକ ଅଭିଯୋଗ ରହିଥିଲା । ତଦ୍ ?ମଧ୍ୟରୁ ୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହା ସହିତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ମୋଟ ୧୬,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ମୁଖ୍ୟ ଉନ୍ନୟନ



ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଜ୍ୟୋତି ରଞ୍ଜନ ଗୌଡ଼, ବିଡିଓ ଅଭିଷେକ ସ୍ୱାଇଁ, ତହସିଲଦାର କୁଇନି ଜେନା ଓ ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ସରୋଜ କୁମାର ବେହେରାଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରକାଶ ଥାଉ କି, ଆସନ୍ତା ଦିନଗୁଡ଼ିକରେ ବିଭିନ୍ନ ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ତାହାନୁସାରେ ୨୦ ଏପ୍ରିଲରେ ରାଜକନିକା ବ୍ଲକ, ୨୭ ଏପ୍ରିଲରେ ଆଳି ବ୍ଲକ, ୪ ମଇରେ ମାର୍ଶାଘାଇ ବ୍ଲକ, ୧୧ ମଇରେ ମହାକାଳପଡ଼ା ବ୍ଲକ, ୧୮ ମଇରେ ଡେରାବିଶ ବ୍ଲକ ଏବଂ ୨୫ ମଇରେ ଗରଦପୁର ବ୍ଲକରେ ଏହି ଶିବିରଗୁଡ଼ିକ ଆୟୋଜିତ ହେବ ।

## ମାଂସ ବୋଝେଇ କଣ୍ଟେନର ଅଟକ ଘଟଣା ୩୯ ଜଣଙ୍କ ବିରୋଧରେ ମାମଲା

ଆଠଗଡ଼,,୧୩।୪(ପ୍ରବାହ ନ୍ୟୁଜ): ଗୋମାଂସ ଚାଲାଣ ହେଉଥିବା ସନ୍ଦେହରେ ତିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣୀମା ବାଇପାସ୍ ନିକଟରେ ଗତ ୨ ତାରିଖରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ଏକ ମାଂସ ବୋଝେଇ କଣ୍ଟେନରକୁ ଭଙ୍ଗାରୁଜା କରିବା ସହ ଓଲଟାଇ ଦେଇଥିଲେ । ଡ୍ରାଇଭର ଓ ସହଯୋଗୀଙ୍କୁ ମାଡ ମଧ ମାରିଥିବା ଅଭିଯୋଗ ହେଇଥିଲା ।ଏହି ଘଟଣାରେ ତିଗିରିଆ ଥାନା ଅଧିକାରୀ ଏସଆଇ ଇପ୍ସିତା ପ୍ରିୟଦର୍ଶିନୀଙ୍କ ରିପୋର୍ଟ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ୩୯ଜଣଙ୍କ ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି । ଅଭିଯୁକ୍ତଙ୍କ ମଧ୍ୟରେ ୩୦ ଜଣ ବିନ୍ଧାଣୀମା ଅଞ୍ଚଳର ହୋଇଥିବା ବେଳେ ୪ଜଣ ନୂଆପାଟଣା, ୨ ଜଣ ଜେମାଦେଇପୁର ,୨ଜଣ ବାସୁଦେବପୁର ଏବଂ ବଡ଼ମ୍ବାର ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି ।

# କରଞ୍ଜିଆ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ମୁଖ୍ୟ ଆକର୍ଷଣ ହାସ୍ୟ ଅଭିନେତା କାକା ନାଇଡୁ

କରଞ୍ଜିଆ ,୧୩।୪(ପ୍ରବାହ ନ୍ୟୁଜ): ୯ ତାରିଖ ଠାରୁ ଆରମ୍ଭ ହୋଇଥିବା ୧୩ ତମ କରଞ୍ଜିଆ ମହୋତ୍ସବ ଶୁକ୍ରବାର ଦ୍ୱିତୀୟ ଦିନରେ ପଦାର୍ପଣ କରିଛି । କାର୍ଯ୍ୟକ୍ରମ ପୂର୍ବରୁ ସ୍ଥାନୀୟ କଳାକାର ଦିବାକର ନାଏକ, ସ୍ୱସ୍ତି ଚୈାଧୁରୀ, ସୁଭଦ୍ରା ଚୈାଧୁରୀ, ଜ୍ୟୋତିର୍ମୟୀ ସେଠୀ,ନିକିତା ଦାସ,ବିରେଖା ଦାସ ଦେବାଶିଷ ସେଠୀ,ପ୍ରେମଚାନ୍ଦ ବେହେରା,ଶିବ ଶଙ୍କର ଦେହୁରୀ ସଂଗୀତ ପରିବେଷଣ କରିଥିଲେ । ଆଜିର କାର୍ଯ୍ୟକ୍ରମରେ କମିଟିର କାର୍ଯ୍ୟକାରୀ ସଭାପତି ବାଞ୍ଛାନିଧି ପୃଷ୍ଟି କରିଥିବାବେଳେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ଯୋଜନା ବୋର୍ଡ ସଭାପତି ତଥା ଉଦଳା ବିଧାୟକ ଭାସ୍କର ମଢେଇ, ମୁଖ୍ୟ ବକ୍ତା ଭାବେ ଧରଣୀଧର ବିଶ୍ୱ




ବିଦ୍ୟାଳୟ ଅଧାପକ ଡ଼ ସୁମନ୍ତ ନାୟକ, ସମ୍ମାନିତ ଅତିଥି ଭାବେ କମିଟି ଚେୟାରମେନ ତଥା ପାଞ୍ଚପୀଢ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ଏବଂ କମିଟି ଉପଦେଷ୍ଟା ତଥା କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ ଓ ଉପଦେଷ୍ଟା ପୁର୍ବତନ ନଗରପାଳ ଭୁବନ ବିହାରୀ ସାହୁ ଯୋଗଦାନ କରି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ସମସ୍ତ ଅତିଥି ସେମାନଙ୍କ ବକ୍ତବ୍ୟରେ ମହୋତ୍ସବ ଆଞ୍ଚଳିକ କଳା ସଂସ୍କୃତିର ଦର୍ପଣ । ଏହାଦ୍ୱାରା ଅଞ୍ଚଳର କଳା ସଂସ୍କୃତି ଉଜ୍ଜୀବିତ ହୋଇ ରହେ ଏବଂ ନୂତନ ରାଜ୍ୟ ସ୍ତରୀୟ ଓ ଆନ୍ତର୍ଜାତୀୟ ସ୍ତରର କଳାକାର ଗଠନ ହୁଅନ୍ତି ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡିଶାର ବରପୁତ୍ରମାନଙ୍କ ଉପରେ ଆଲୋଚନାଚକ୍ର

କଳାହାଣ୍ଡି ,୧୩।୪(ପ୍ରବାହ ନ୍ୟୁଜ): ଭବାନୀପାଟଣା ରାଜ୍ୟସରକାର ଙ୍କ ନିର୍ଦ୍ଦେଶ କ୍ରମେ ଏପ୍ରିଲ ପହିଲା ରୁ ଜିଲା ପ୍ରଶାସନ ପକ୍ଷରୁ ଓଡିଆ ପକ୍ଷ ପାଳନ କରାଯାଉଛି । ଆଜି ସ୍ଥାନୀୟ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ରେ ବନ୍ଧନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡିଶାର ବରପୁତ୍ର ମାନଙ୍କ ଉପରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ,ସମ୍ମାନିତ ଅତିଥି ଭାବେ ପୂର୍ବତନ ଭାରପ୍ରାପ୍ତ ଭି ସି ଡ଼ଃ ନିବେଦିତା ନାଥ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ଡେପୁଟି ରେଜିଷ୍ଟର ଜୟଦେବ ସାହୁ, ଯୋଗଦେଇ କାର୍ଯ୍ୟକ୍ରମକୁ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏଥିରେ ଲେଖକ ଉମାଶଙ୍କର କର, ଡ଼ଃ ଉମେଶ




ଚନ୍ଦ୍ର ଶତପଥି, ସୁଦର୍ଶନ ଦାସ, ଅବସର ପ୍ରାପ୍ତ ପ୍ରାଧ୍ୟାପକ ଅଜୟକୁମାର ମିଶ୍ର, ଦିଲେଶ୍ୱର ରଣା,ଅବିନାଶ ମୁଣ୍ଡ ପ୍ରମୁଖ ଯୋଗଦେଇ ଓଡିଶା ର ବରପୁତ୍ର ମାନଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ କବି କବୟତ୍ରୀ ମାନଙ୍କ ଦ୍ୱାର କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ କୁ ଅଧାପକ ଡ଼ୋଲାମଣୀ ଧାରୁଆ ପରିଚାଳନା କରିଥିଲେ ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ଯୁବ ଲେଖକ ସମ୍ମିଳନୀ




କଳାହାଣ୍ଡି ୧୩/୪(ପ୍ରବାହ ନ୍ୟୁଜ ) : ଭବାନୀପାଟଣା ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ତରଫରୁ ମହିଳା ମହାବିଦ୍ୟାଳୟ ଠାରେ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୁବ ଲେଖକ ମାନଙ୍କ ପାଇଁ ସାହିତ୍ୟ ଚର୍ଚ୍ଚା, ଆଧୁନିକ ରାପ ଓ ସ୍ଲାମ୍ ପୋଏଟ୍ରି ର ମଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରଓ୍ୱାନ,ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ରେଜିଷ୍ଟର ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଜୟଦେବ ସାହୁ,ଶିକ୍ଷାବିତ୍ ଡକ୍ଟର ଉମେଶଚନ୍ଦ୍ର ଶତପଥି ଯୋଗଦେଇ କାର୍ଯ୍ୟକ୍ରମ ର ଶୁଭ ଉଦ୍ଘାଟନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକ ରୁ ଛାତ୍ରଛାତ୍ରୀ ମାନେ ଏଥିରେ ଯୋଗଦେଇ ଥିଲେ ।

# ଉମରକୋଟ ଠାରେ ଜିଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର ୧୩।୪(ପ୍ରବାହ ନ୍ୟୁଜ): ଆଜି ଉମରକୋଟ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ ଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜନ ଶୁଣାଣି



ଶିବିରରେ ମୋଟ ୧୫ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୦୯ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୬ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା । ଜିଲ୍ଲାପାଳ ଏହା ପରେ ପରେ ଓଡ଼ିଆ ପକ୍ଷ ୨୦୨୬ ପାଳନ ଅବସରରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ‘ଆମ ରୁଚି ଆମ ଖାଦ୍ୟ‘ କାର୍ଯ୍ୟକ୍ରମ ରେ ଯୋଗ ଦେଇ ପାରମ୍ପରିକ ଖାଦ୍ୟ ଷ୍ଟଲ ପରିଦର୍ଶନ କରିଥିଲେ ।

## ଅବକାରୀ ଥାନା ଏବଂ ଖୁଣ୍ଟୁଣୀ ବନ ବିଭାଗ ପକ୍ଷରୁ ମିଳିତ ଚଢଉ, ୨୪୫୦ ଲିଟର ଦେଶୀ ମଦ ଜବତ

ଆଠଗଡ଼,୧୩।୪(ପ୍ରବାହ ନ୍ୟୁଜ): କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ ଶ୍ରୀ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଆଠଗଡ ଅବକାରୀ ନିରୀକ୍ଷକ ଶ୍ରୀ ରବିନାରାୟଣ ପଧାନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡ଼ାଲୁଅ, କଂସର, ବାଉଁଶ ଟଙ୍ଗୋର, ସରସ୍ୱତୀପୁର ଓ



ଖଣ୍ଡୁଆଳି ସଂରକ୍ଷିତ ଜଙ୍ଗଲରେ ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା , ଜିଲ୍ଲା ମୋବଇଲ ୟୁନିଟ, ସଦର ଅବକାରୀ ଥାନା ଏବଂ ଖୁଣ୍ଟୁଣୀ ବନ ବିଭାଗ ଦ୍ୱାରା ଏକ ମିଳିତ ଚଢଉ କରାଯାଇଥିଲା । ଉକ୍ତ ଚଢଉରେ ସର୍ବମୋଟ ୨୪୫୦ ଲିଟର ଦେଶୀ ମଦ ସହ ୨୦୬୫୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି ଏବଂ ଛଅ ଗୋଟି ମାମଲା ରୁଜୁ କରାଯାଇଛି ।

## ସିଦ୍ଧମହାବୀର ପୀଠରେ ମହାଯଜ୍ଞ ଆରମ୍ଭ



ଆଠଗଡ଼,୧୩।୪(ପ୍ରବାହ ନ୍ୟୁଜ): ଆଠଗଡ ସହର ନିକଟସ୍ଥ ରାଧାଗୋବିନ୍ଦପୁରର ସିଦ୍ଧ ମହାବୀର ପୀଠରେ ୩୬ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି ।ଗତ ଶୁକ୍ରବାର ଅଧିବାସ ଓ ଅଙ୍କୁରାରୋପଣ ସମ୍ପନ୍ନ ହୋଇଥିଲା । ଶନିବାର ଶତାଧିକ ଶ୍ରଦ୍ଧାଳୁ ସ୍ଥାନୀୟ ଭାଗିରଥୀ ସାଗର ପୋଖରୀରେ ପୂଜାର୍ଚ୍ଚନା ପରେ କଳସ ଧାରଣ କରି ଏକ ଶୋଭାଯାତ୍ରାରେ ଆସି ମନ୍ଦିର ପରିସରରେ ଯଜ୍ଞ ମଣ୍ଡପରେ ଘଟ ସ୍ଥାପନ କରିଥିଲେ । ଆଜି ଗୀତା ଯଜ୍ଞ,ଗାୟତ୍ରୀ ଯଜ୍ଞ ମହାବୀର ପୂଜା ସହ ଆହୁତି ହେବ । ସୋମବାର ହନୁମାନ ଜିଉଙ୍କ ପୂଜା, ବିଷ୍ଣୁ ସହସ୍ରନାମ,ଆହୁତି ଏବଂ ବାଲ ଲୀଳା ଅନୁଷ୍ଠିତ ହେବ । ମଙ୍ଗଳବାର ଚଣ୍ଡୀ ଯଜ୍ଞ,ଶ୍ରୀରାମ ସହସ୍ରନାମ, ଶ୍ରୀ ହନୁମାନ ଚାଳିଶା ସହ ଯଜ୍ଞର ପୂର୍ଣ୍ଣାହୁତି ହେବ ।

# ‘ଓଡ଼ିଆ ପକ୍ଷ’ ପାଳନ ଅବସରରେ ବନ୍ଦନୀୟ ବରପୁତ୍ରଙ୍କ ସ୍ମୃତି ଚାରଣ ସହ କବିତା ଓ ପ୍ରବନ୍ଧ ପାଠ

ନବରଙ୍ଗପୁର,୧୩।୪(ପ୍ରବାହ ନ୍ୟୁଜ): ଆଜି ’ଓଡ଼ିଆ ପକ୍ଷ’ର ଦ୍ୱାଦଶ ଦିବସରେ ନବରଙ୍ଗପୁର ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ’ବନ୍ଦନୀୟ ବରପୁତ୍ର’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ଶୁଭାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ଜିଲ୍ଲା ସଂସ୍କୃତି ପରିଷଦ ସଙ୍ଗୀତ ବିଦ୍ୟାଳୟର ଶିକ୍ଷକ ଶ ଯୁଗଳ କିଶୋର ତ୍ରିପାଠୀ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ’ବନ୍ଦେ ଉତ୍କଳ ଜନନୀ’ ଗାନ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଗୌରୀ ଶଙ୍କର ମାଝୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ ଖୁଣ୍ଟିଆ, ଅଧାପିକା ସଙ୍ଗୀତା ତ୍ରିପାଠୀ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ



ଘାସିଆ ହରିଜନ ଯୋଗ ଦେଇଥିଲେ । ବିଶିଷ୍ଟ ଆଇନଜୀବୀ କିଶୋରୀ ପଟ୍ଟନାୟକ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ବିଶିଷ୍ଟ ଲେଖକ କେଦାରେଶ୍ୱର ପଟ୍ଟନାୟକ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ । ଏହି ଉତ୍ସବରେ ଜିଲ୍ଲାର ବରପୁତ୍ର ତଥା ସାରସ୍ୱତ ସାଧକ କବି ମଞ୍ଜୁଘୋଷ ତ୍ରିପାଠୀ, ପ୍ରମିଳା ପଟ୍ଟନାୟକ, କବି ତ୍ରିପୁରାରୀ ତ୍ରିପାଠୀ, ରବି ସିଂ ମାଝୀ, ସୋନୁ ମାଝୀ, ଲଳିତ ମୋହନ ପଟ୍ଟନାୟକ ଓ ଭୁବନେଶ୍ୱର ଦଳେଇଙ୍କ ସମ୍ପର୍କରେ ଲିଖିତ ୭ଟି ଶ୍ରେଷ୍ଠ ପ୍ରବନ୍ଧ ପାଠ କରାଯାଇଥିଲା । ଏହା ସହିତ ୫୪ ଜଣ କବି ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ । ଅତିଥିମାନେ ନିଜ ଅଭିଭାଷଣରେ ବରପୁତ୍ରମାନଙ୍କୁ ଓଡ଼ିଆ ସାହିତ୍ୟର ମେରୁଦଣ୍ଡ ଓ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଅଭିହିତ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ଓ ମହାବିଦ୍ୟାଳୟର ଯୁବ ଲେଖକମାନେ ଯୋଗଦେଇ ବରିଷ୍ଠ ସାହିତ୍ୟିକଙ୍କ ସହ ମତ ବିନିମୟ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର, ଗୋଲାପ ଫୁଲ, ମୟୂର ଚନ୍ଦ୍ରିକା ଏବଂ ୫୦୦ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ।



For News , Advertisement & Circulation
Contact: 9938340066
Email id: prabaha2008@gmail.com
prabaha.daily@gmail.com

PRABAHA
14 April, ୨୦୨୬



**ସନ୍ନ୍ୟାସଃ କର୍ମଯୋଗଶ୍ଚ, ନିଃଶ୍ରେୟ ସକରାବୁଭୌ
ତୟୋସ୍ତୁକର୍ମସନ୍ୟାସାତ୍, କର୍ମଯୋଗ ବିଶିଷ୍ୟତେ
ଜ୍ଞେୟଃ ସ ମିତ୍ୟ ସନ୍ନ୍ୟାସୀ, ଯୋନ ଦ୍ୱେଷ୍ଟି ନ କାଂକ୍ଷତି
ନିର୍ଦ୍ୱନ୍ଦୋହିଃ ମହାବାହୋ ସୁଖଂ ବନ୍ଧ୍ୟାତ୍ ପ୍ରମୁଚ୍ୟତେ**

ସକାମ କର୍ମଯୋଗ ତ୍ୟାଗ କରିବା, ନିଷ୍କାମ କର୍ମରେ ଯୋଗ ଦେବା ଏ ଉଭୟ ମୋକ୍ଷ ଦାୟକ। ଦୁହିଁଙ୍କ ମଧ୍ୟରେ କର୍ମଯୋଗ ଶ୍ରେଷ୍ଠ। ଯାହାର ଦ୍ୱେଷ ବା ଆକାଂକ୍ଷା ନାହିଁ ସେ ସନ୍ନ୍ୟାସୀ। ସେ ରାଗ, ଦ୍ୱେଷ ଶୂନ୍ୟ ହୋଇ ବନ୍ଧନରୁ ମୋକ୍ଷ ହୁଏ।

# ଗଣତନ୍ତ୍ର ନା ରାଜତନ୍ତ୍ର

ବିହାର ରାଜନୀତିରୁ ଏବେ ଏକ ବଡ଼ ଖବର ସାମ୍ନାକୁ ଆସୁଛି। ବିହାର ମୁଖ୍ୟମନ୍ତ୍ରୀ ନିତୀଶ କୁମାରଙ୍କ ପୁଅ ନିଶାନ୍ତ କୁମାର ରାଜନୀତିକୁ ଆସିବା ନେଇ ଚର୍ଚ୍ଚା ଏବେ ଶୀର୍ଷରେ । ଯଦିଓ ନିତୀଶ କୁମାର ସବୁବେଳେ ପରିବାରବାଦ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି, କିନ୍ତୁ ବିହାର ଇତିହାସ କହୁଛି ଯେ ଏଠାରେ ମୁଖ୍ୟମନ୍ତ୍ରୀଙ୍କ ଚୌକିରୁ ପୁଅର ରାଜନୈତିକ କ୍ୟାରିୟର ଗଢ଼ିବା କୌଣସି ନୂଆ କଥା ନୁହେଁ । ନିତୀଶଙ୍କ ପୂର୍ବରୁ ୭ ଜଣ ଏମିତି ମୁଖ୍ୟମନ୍ତ୍ରୀ ରହିଛନ୍ତି, ଯେଉଁମାନେ ନିଜ ପୁଅଙ୍କୁ ରାଜନୀତିର ମଇଦାନକୁ ଓହ୍ଲାଇଛନ୍ତି । ଆସନ୍ତୁ ନଜର ପକାଇବା ବିହାରର ଏହି ରାଜନୈତିକ ପରିବାରବାଦ ଉପରେ ।

ବିହାରରୁ ଦିଲ୍ଲୀ ପର୍ଯ୍ୟନ୍ତ ଏବେ ଗୋଟିଏ ଆଲୋଚନା – ନିଶାନ୍ତ କୁମାର କଣ ହେବେ ନିତୀଶଙ୍କ ଉତ୍ତରାଧିକାରୀ ? ଯଦି ନିଶାନ୍ତ ରାଜନୀତିକୁ ଆସନ୍ତି, ତେବେ ସେ ହେବେ ବିହାରର ଅଷ୍ଟମ ମୁଖ୍ୟମନ୍ତ୍ରୀଙ୍କ ପୁତ୍ର ଯିଏ ରାଜନୈତିକ ମଇଦାନରେ ପାଦ ଥାପିବେ । ସବୁଠୁ ବଡ଼ ନାମ ହେଉଛି ଲାଲୁ ପ୍ରସାଦ ଯାଦବ ଏବଂ ରାବ୍ରୀ ଦେବୀଙ୍କ ପରିବାର । ସେମାନଙ୍କ ଦୁଇ ପୁଅ ତେଜସ୍ୱୀ ଯାଦବ ଏବଂ ତେଜ୍ ପ୍ରତାପ ଯାଦବ ଏବେ ବିହାର ରାଜନୀତିର ପ୍ରମୁଖ ଚେହେରା । ବିଶେଷ କରି ତେଜସ୍ୱୀ ଏବେ ବିରୋଧୀ ଦଳର ନେତା ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ।

କେବଳ ଲାଲୁ ନୁହଁନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମିଶ୍ରଙ୍କ ପୁଅ ନୀତିଶ ମିଶ୍ର ଏବେ ବିଜେପିର ଜଣେ ବଡ଼ ନେତା ତଥା ମନ୍ତ୍ରୀ । ସେହିପରି ଜିତନ ରାମ ମାଝୀଙ୍କ ପୁଅ ସନ୍ତୋଷ କୁମାର ସୁମନ ମଧ ମନ୍ତ୍ରୀ ପଦ ସମ୍ଭାଳି ସାରିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ଭାଗବତ ଝା ଆଜାଦଙ୍କ ପୁଅ କୀର୍ତ୍ତି ଆଜାଦ୍ କ୍ରିକେଟରୁ ରାଜନୀତିକୁ ଆସି ସାଂସଦ ହୋଇଥିବା ବେଳେ, କର୍ପୁରୀ ଠାକୁରଙ୍କ ପୁଅ ରାମନାଥ ଠାକୁର ରାଜ୍ୟସଭା ସଦସ୍ୟ ଭାବେ ନିଜର ପରିଚୟ ରଖିଛନ୍ତି ।

ସତ୍ୟେନ୍ଦ୍ର ନାରାୟଣ ସିଂଙ୍କ ପୁଅ ନିଖିଲ କୁମାର ମଧ ରାଜନୀତିର ଏହି ପରମ୍ପରାକୁ ଆଗକୁ ବଢ଼ାଇଥିଲେ । ଏବେ ସମସ୍ତଙ୍କ ନଜର ନିଶାନ୍ତଙ୍କ ଉପରେ । ସେ କଣ ତାଙ୍କ ପିତାଙ୍କ ଆଦର୍ଶରେ ଚାଲିବେ ନା ପରିବାରବାଦର ଏହି ଲମ୍ବା ତାଲିକାରେ ନିଜ ନାମ ଯୋଡ଼ିବେ ତା ଉପରେ ରହିଛି ସମସ୍ତଙ୍କ ନଜର। ରାଜନୀତିରେ ଉତ୍ତରାଧିକାରୀ ମିଳିବା ସହଜ ହୋଇପାରେ, କିନ୍ତୁ ଜନତାଙ୍କ ହୃଦୟ ଜିତିବା ଏକ ବଡ଼ ଚ୍ୟାଲେଞ୍ଜ । ନିଶାନ୍ତ କୁମାରଙ୍କ ଆଗମନ ବିହାର ରାଜନୀତିରେ କେତେ ପ୍ରଭାବ ପକାଇବ, ତାହା ସମୟ କହିବ । ତେବେ କେବଳ ବିହାର କଥା ନୁହେଁ ଭାରତରବର୍ଷର ପ୍ରତ୍ୟେକ ରାଜ୍ୟରେ ଏମିତି ପରିବାର ରାଜନୀତି ଚାଲିଛି। ରାଜନେତାମାନେ ସେମାନଙ୍କ ଉତ୍ତରଦାୟାଦଙ୍କୁ ରାଜନୀତିରେ ପ୍ରତିଷ୍ଠିତ କରିବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି ଆଉ ଏଥିରେ ସଫଳ ହେଉଛନ୍ତି। କାଁ ଭାଁ କେତେକଙ୍କ ଉଦାହରଣ ଏଥିରୁ ବ୍ୟତକ୍ରମ ହେଲେ ମଧ ପ୍ରାୟ ରାଜନେତାଙ୍କ ମାନସିକ ଅବସ୍ଥା ଏକପ୍ରକାର ପରିବାରବାଦ ରାଜନୀତି। ତେଣୁ ଏତିକି ସ୍ପଷ୍ଟ ଯେ, ରାଜନୀତିରେ 'ରାଜାଙ୍କ ପୁଅ ରାଜା' ହେବା ପରମ୍ପରା ଆଜି ବି ଜାରି ରହିଛି। ଗଣତନ୍ତ୍ର ନାମରେ ଯାହା ଏକପ୍ରକାର ରାଜତନ୍ତ୍ର ଚାଲିଛି ବୋଲି କୁହାଯାଇପାରିବ।

କାର୍ଯ୍ୟନିର୍ବାହୀ ସମ୍ପାଦକ
**ପ୍ରକାଶ ଶତପଥୀ**

# ବିଗାଡୁଛି ପ୍ରଦୂଷଣ ଓ ଯାଞ୍ଚ ସାର୍ଟିଫିକେଟ

**ଇନ୍ଦୁ ଭୂଷଣ ଭୂୟାଁ**

ପ୍ରଦୂଷଣ ବଢୁଛି। ପରିବେଶକୁ କ୍ଷତି ପହଞ୍ଚୁଛି। ଗାଡ଼ିସଂଖ୍ୟା ବଢ଼ିବା କାରଣରୁ ଏଥିରୁ ନିର୍ଗତ ଧୂଆଁ ପରିବେଶ ନଷ୍ଟ କରୁଛି। ତେଣୁ ଯେଉଁ ଗାଡ଼ି ଅଧିକ ପ୍ରଦୂଷଣ ସୃଷ୍ଟି କରୁଛନ୍ତି ସେମାନଙ୍କ ଉପରେ କଟକଣା ଲଗାଇବା ଏବଂ ଯେଉଁ ଗାଡ଼ି ଗୁଡ଼ିକ ପରିବେଶ ଅନୁକୂଳ ସେମାନେ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ବା ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ ହାସଲ କଲେ ଯାଇ ଗାଡ଼ିରେ ତେଲ ପକାଇ ପାରିବେ ବୋଲି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଏଥିପାଇଁ ସାରା ରାଜ୍ୟରେ ଗାଡ଼ି ଟେଷ୍ଟିଂ କେନ୍ଦ୍ର ଆଗରେ ନାହିଁ ନଥିବା ଭିଡ଼। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଯେତେ ଗାଡ଼ି ଟେଷ୍ଟିଂ କେନ୍ଦ୍ରକୁ ଯାଉଛି ସମସ୍ତଙ୍କୁ ମିଳୁଛି ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ। ବିଶେଷକରି କୌଣସି ଦୁଇ ଚକିଆ ଗାଡ଼ି ଏଥିରେ ଫେଲ ହେଉନାହାନ୍ତି। ଫଳରେ ସାର୍ଟିଫିକେଟ ଦେବା ନାଁରେ କେବଳ ପ୍ରହସନ ଚାଲିଥିବା ଆଲୋଚନା ହେଉଛି।

ରାସ୍ତାର ଏବେ ବିଭିନ୍ନ ସ୍ଥାନରେ ଭ୍ରାମ୍ୟମାଣ ପ୍ରଦୂଷଣ ଟେଷ୍ଟିଂ ଗାଡ଼ି ଛିଡ଼ା ହୋଇଛି। ଆଜି କେଉଁଠି ସ୍ଥାୟୀ କେନ୍ଦ୍ର ରହିଛି। ଏହିସବୁ କେନ୍ଦ୍ରରେ ପ୍ରଦୂଷଣ ଯାଞ୍ଚ କରାଯାଇ ଏଥିରେ ସଫଳ ଗାଡ଼ିକୁ ସାର୍ଟିଫିକେଟ ପ୍ରଦାନ କରାଯାଉଛି। ଅର୍ଥାତ୍ ଯେଉଁ ଗାଡ଼ି ଏହି ସାର୍ଟିଫିକେଟ ପାଇଲା ସଂପୃକ୍ତ ଗାଡ଼ି ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ। ସବୁଗାଡ଼ି ଯାଞ୍ଚରେ ପାସ କରୁଥିବାରୁ ଏହାକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ପରିବହନ ବିଭାଗର ସୂଚନା ଅନୁଯାୟୀ, ଓଡ଼ିଶାର ଅଧିକାଂଶ ଦୁଇଚକିଆ ଯାନ କେବଳ କିଣା ହେବା ସମୟରେ ପ୍ରଦୂଷଣ ସେମାନେ ଚେତାବନୀ ଦେଇ କହିଛନ୍ତି ଯଦି ତତ୍କାଳ ପଦକ୍ଷେପ ନିଆ ନଯିବ ତେବେ ଏହି ସମସ୍ୟା ପ୍ରତିବର୍ଷ ବଢ଼ିବ। ସବୁଠାରୁ ବଡ଼ କଥା ହେଲା ଗତ ୧୦ ବର୍ଷ ହେଲା ହୃଦରୋଗ ସହ ମେଦ ବହୁଳତା ଯୋଡ଼ି ହୋଇଯାଇଛି। ଏଥିରେ ଯାନବାହାନ ଓ ବିମାନରୁ ନିର୍ଗତ ବିଷାକ୍ତ ତତ୍ତ୍ୱର ବଡ଼ ଭୂମିକା ରହିଛି। ବାୟୁ ପ୍ରଦୂଷଣ ଉପରେ ଭାରତ ସରକାର ନୂଆ ଫୋକସ ଅବଶ୍ୟ କରିଛନ୍ତି। କିନ୍ତୁ ଏହା ବହୁ ବିଳମ୍ବ ହୋଇଯାଇଛି।

ଭାରତରେ ବାୟୁ ପ୍ରଦୂଷଣ ଯୋଗୁଁ ସୃଷ୍ଟି ହେଉଥିବା ହୃତପିଣ୍ଡ, ଶ୍ୱାସ ପ୍ରଶ୍ୱାସ, ସ୍ନାୟୁ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର ପର୍ଯ୍ୟାପ୍ତ ବୈଜ୍ଞାନିକ ପ୍ରମାଣ ରହିଛି। ପ୍ରଦୂଷଣକୁ ରୋକିବା ଲାଗି ପଦକ୍ଷେପ ନେବାରେ ବିଳମ୍ବ ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଆର୍ଥିକ ବୋଝ ବଢ଼ିବ। ମୁଣ୍ଡବିନ୍ଧା, ହାଲିଆ ଲାଗିବା, ହାଲକା କାଶ, ଗଳା ଦରଜ, ପାଚନ ସମସ୍ୟା, ଆଖି ଶୁଷ୍କ ହୋଇଯିବା, ଚର୍ମରେ ଲାଲ ଚିହ୍ନ ଓ କ୍ରମାଗତ ସଂକ୍ରମଣ ଭଳି ସମସ୍ୟାକୁ ଛୋଟମୋଟ କହି ସବୁବେଳେ ଲୋକମାନେ ଅଣଦେଖା କରୁଛନ୍ତି। କିନ୍ତୁ ବାସ୍ତବରେ ଏହା କୌଣସି ଗମ୍ଭୀର ରୋଗର ସଙ୍କେତ ହୋଇଥାଏ। ପ୍ରଦୂଷିତ ସହରରେ ବାୟୁ ଆଖିକୁ ପରିଷ୍କାର ଦେଖାଯାଉଥିଲେ ମଧ ସେଥିରେ ଅନେକ ଛୋଟ ଛୋଟ କଣିକା (ପିଏମ୨.୫ ପ୍ରଦୂଷଣ) ରହିଛି। ଯାହା ହୃଦରୋଗ ପ୍ରତି ବିପଦ ସୃଷ୍ଟି କରିପାରେ। ହୃଦରୋଗ ଏକ ମନ୍ଥର ପ୍ରକ୍ରିୟା, କିନ୍ତୁ ଏଥିରେ ହଠାତ୍ ସ୍ଥିତି ବିଗିଡ଼ି ଯାଏ। ପିଏମ୍୨.୫ ପ୍ରଦୂଷଣ ଆଖିକୁ ଦେଖାଯାଏ ନାହିଁ। ରକ୍ତଚାପ କିମ୍ବା କୋଲେଷ୍ଟ୍ରୋଲ ଭଳି ଏହାକୁ ସହଜରେ ମପାଯାଇ ପାରିବ ନାହିଁ। ଫଳରେ ଲୋକମାନେ ଏହାର ଗମ୍ଭୀର ବିପଦକୁ ଜାଣିପାରନ୍ତି ନାହିଁ।

ସଦ୍ୟ ସମାପ୍ତ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନରେ କେନ୍ଦ୍ର ସରକାର କହିଥିଲେ ଯେ ପ୍ରଦୂଷଣ ଓ ତାର ସିଧାସଳଖ ପ୍ରଭାବ ହୃତପିଣ୍ଡ ଉପରେ ପଡ଼ିବା ସମ୍ପର୍କରେ କୌଣସି ଠୋସ ତଥ୍ୟ ତାଙ୍କ ପାଖରେ ନାହିଁ। କିନ୍ତୁ ସରକାର ମାନିଥିଲେ ଯେ ବାୟୁ ପ୍ରଦୂଷଣ ଶ୍ୱାସପ୍ରଶ୍ୱାସ ଜନିତ ରୋଗ ବୃଦ୍ଧିର ଏକ କାରଣ ପାଲଟିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସଂସଦରେ ଆଗତ କରାଯାଇଥିବା ରିପୋର୍ଟ ଅନୁସାରେ ଗତ ୩ ବର୍ଷରେ ଦିଲ୍ଲୀରେ ଶ୍ୱାସପ୍ରଶ୍ୱାସ ଜନିତ ସମସ୍ୟାରେ ପୀଡ଼ିତ ହୋଇ ୨ ଲକ୍ଷରୁ ଅଧିକ ଲୋକ ହସ୍ପିଟାଲ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ୩୦ ହଜାରରୁ ଅଧିକ ରୋଗୀଙ୍କୁ ହସ୍ପିଟାଲରେ ଚିକିତ୍ସିତ ହେବାକୁ ପଡୁଛି।

ଲାନସେଟ ଫାଉଣ୍ଡେସନ ଅଫ ହେଲଥ ଆଣ୍ଡ କ୍ଲାଇମେଟ ଚେଞ୍ଜ ୨୦୨୫ ରିପୋର୍ଟ ଅନୁସାରେ ୨୦୨୨ରେ ଭାରତରେ ପିଏମ ୨.୫ ପ୍ରଦୂଣେ ଯୋଗୁ ୧୭ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେଥିରେ ୨.୬୯ ଲକ୍ଷ ମୃତ୍ୟୁ ସଡ଼କ ପରିବହନ ସହ ଜଡ଼ିତ ପେଟ୍ରୋଲ ଓ ଡିଜେଲରୁ ସୃଷ୍ଟି ପ୍ରଦୂଷଣ ଯୋଗୁ ହୋଇଥିଲା। ଗତ ମେ'ରେ ଇଣ୍ଟରନ୍ୟାସନାଲ କାଉନସିଲ ଅନ କ୍ଲିନ ଟ୍ରାନ୍ସପୋର୍ଟେସନ ପକ୍ଷରୁ କରାଯାଇଥିବା ଏକ ବୈଶ୍ୱିକ ଅଧ୍ୟୟନରେ କୁହାଯାଇଥିଲା ଗାଡ଼ିରୁ ବାହାରୁଥିବା ବିଷାକ୍ତ ଗ୍ୟାସକୁ ନିୟନ୍ତ୍ରଣ କରିବା ଲାଗି ନୀତି ଅଣାଗଲେ ୨୦୪୦ ବେଳକୁ ୧୯ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ବଞ୍ଚିପାରିବ। ଏଥିସହ ୧୪ ଲକ୍ଷ ପିଲାଙ୍କୁ ଶ୍ୱାସ ରୋଗରୁ ରକ୍ଷା କରାଯାଇପାରିବ। ପ୍ରଦୂଷଣ ଯାଞ୍ଚ ବାସ୍ତବାଭିମୁଖୀ ହେଉ ଏବଂ ସବୁଠାରୁ ବଡ଼କଥା ହେଉଛି ଭାରତରେ ବାୟୁ ପ୍ରଦୂଷଣ, କୋଭିଡ଼ – ୧୯ ମହାମାରୀ ପରେ ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସଙ୍କଟ ପରି ଉଭା ହୋଇଛି। ଆଗାମୀ ଦିନରେ ଏହି ପ୍ରଦୂଷଣ ଲୋକଙ୍କ ସ୍ୱାସ୍ଥ୍ୟ ଓ ଦେଶର ଅର୍ଥ ବ୍ୟବସ୍ଥା ଉପରେ ଦୀର୍ଘ କାଳୀନ ପ୍ରଭାବ ପକାଇବ।

ଏବେ ଶୀତ ଯଦିଓ କମୁଛି କିନ୍ତୁ ପ୍ରଦୂଷଣର ବିଷ ସେତିକି ବଢୁଛି। ଓଡ଼ିଶା କଥା ବିଚାର କଲେ ଓଡ଼ିଶାର ସାତଟି ସହରରେ ବାୟୁର ମାନ ବିଗିଡ଼ି ଚାଲିଛି। ଯେଉଁ ହାରରେ ଓଡ଼ିଶାରେ ବାୟୁ ପ୍ରଦୂଷଣ ବଢୁଛି ତାହା ଅନେକଙ୍କୁ ଚକିତ କରିଛି। ଶୀତ ଦିନେ ଭୂପୃଷ୍ଠରେ ତାପମାତ୍ରା ଉପର ବାୟୁ ଅପେକ୍ଷା କମ ଥାଏ। ଏହାକୁ ଇନଭର୍ସନ କୁହାଯାଏ। ତେଣୁ ଭୂପୃଷ୍ଠର ଧୂଳିକଣା ଉପରକୁ ଯାଇପାରେନି କିମ୍ବା ବିସ୍ତାରିତ ନହୋଇ ଗୋଟିଏ ନିର୍ଦ୍ଦିଷ୍ଟ ବାୟୁମଣ୍ଡଳରେ ଜମାଟ ବାନ୍ଧେ ଏହି କାରଣରୁ ବର୍ତ୍ତମାନ ବାୟୁ ପ୍ରଦୂଷଣ ଅଧିକ ରହୁଛି। ସେହିପରି ଆଉ ଗୋଟିଏ କଥା ହେଉଛି ଏଯାବତ୍ ରାଜ୍ୟରେ ମୋଟ ୧୪୪୦୧୧ଟି ଗାଡ଼ିକୁ ପ୍ରଦୂଷଣ ଯାଞ୍ଚ ସାର୍ଟିଫିକେଟ ମିଳି ସାରିଲାଣି। ଗାଡ଼ିର ପ୍ରଦୂଷଣ ଯାଞ୍ଚ ପାଇଁ ଏକ ମେସିନ ରହିଛି। ଏହି ମେସିନରେ ଗାଡ଼ିରୁ ଅଙ୍ଗାରକାମ୍ଳ କେତେ ନିର୍ଗତ ହେଉଛି ତାହାକୁ ଆଧାର କରି ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ପ୍ରଦାନ କରାଯାଇଥାଏ। ଦୁଇଚକିଆ ଯାନର ନିର୍ଗତ ଧୂଆଁରୁ କେଉଁ ଉପାଦାନ କେତେ ଥିଲେ ଏହା ପ୍ରଦୂଷଣ ସୃଷ୍ଟି କରୁଛି ବୋଲି ଧରାଯିବ ତାହାର ଏକ ମାନକ ଧାର୍ଯ୍ୟ କରାଯାଇଛି। ଦୁଇଚକିଆ ଯାନରୁ କାର୍ବନ ଡାଇଅକ୍ସାଇଡ଼ ୩.୫% ରହିବା ଦରକାର। ଏହାଠାରୁ ଅଧିକ ନିର୍ଗତ ହେଲେ ତାହା ପ୍ରଦୂଷଣ କରୁଛି ବୋଲି ଧରାଯିବ।

ସେହିପରି ହାଇଡ୍ରୋକାର୍ବନ ପରିମାଣ ୪୫୦୦ ପିପିଏମ ରହିବା ଦରକାର। ଏଥିପାଇଁ ଗାଡ଼ିର ସାଇଲେନ୍ସରରେ ଏକ ପାଇପ ଭର୍ତ୍ତି କରାଯାଏ। ଏହି ପାଇପ ଜରିଆରେ ଉପରୋକ୍ତ ଉପାଦାନ ନିର୍ଗତର ପରିମାଣ କେତେ ତାହା ଜଣାପଡ଼ିଥାଏ। ଏହି ଆଧାରରେ ଗାଡ଼ିକୁ ପ୍ରଦୂଷଣ ଯାଞ୍ଚ ସାର୍ଟିଫିକେଟ ଦିଆଯାଏ। ଏବେ କେତେକ କେନ୍ଦ୍ରରେ ଯଦିଓ ଏହି ପାଇପ ଭର୍ତ୍ତି କରାଯାଇ ପ୍ରଦୂଷଣ ଯାଞ୍ଚ କରାଯାଉଛି କିନ୍ତୁ ଏହାର ସତ୍ୟତାକୁ ନେଇ ପ୍ରଶ୍ନ ଉଠୁଛି। କାରଣ ସବୁ ଗାଡ଼ି ଏହି ପରୀକ୍ଷାରେ ପାସ ହେଉଛନ୍ତି। ଆଉ କେତେକ କେନ୍ଦ୍ରରେ ସାଇଲନ୍ସେରେ ପାଇପ ମଧ ଭର୍ତ୍ତି କରାଯାଉନାହିଁ। କେବଳ ଗାଡ଼ି ପଞ୍ଜୀକରଣ ସମୟରେ ଦିଆଯାଇଥିବା ମୋବାଇଲ ନମ୍ବର ମଗାଯାଉଛି। ଉକ୍ତ ମୋବାଇଲରେ ଏକ ଓଟିପି ଯାଉଛି। ଓଟିପି କହିଦେବା ପରେ ଗାଡ଼ିକୁ ସାର୍ଟିଫିକେଟ ମିଳିଯାଉଛି ବୋଲି କୁହାଯାଉଛି।

ଯଦି ଏଭଳି ଭାବେ ଗାଡ଼ିକୁ ସାର୍ଟିଫିକେଟ ଦିଆଯିବ ତାହାହେଲେ ଗାଡ଼ି ଯାଞ୍ଚ କେବଳ ଏକ ପ୍ରହସନ ବୋଲି ପରିବେଶ ବିଶେଷଜ୍ଞ ମତ ରଖନ୍ତି, ସେମାନଙ୍କ କହିବା ଅନୁଯାୟୀ, ଯଦି ଏମାନେ ଠିକ ଭାବେ ଯାଞ୍ଚ କରୁଥାନ୍ତେ ତାହାହେଲେ ସବୁ ଗାଡ଼ି ପ୍ରଦୂଷଣ ପରୀକ୍ଷାରେ ପାସ କରିପାରିବେ ନାହିଁ। ଏହି ପ୍ରସଙ୍ଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବର୍ତ୍ତମାନ ବିଏସ-୪ ବା ବିଏସ-୬ ଇଞ୍ଜିନ ବିଶିଷ୍ଟ ଦୁଇଚକିଆ ଗାଡ଼ି ବିକ୍ରି ହେଉଛି। ଏହି ଗାଡ଼ି ଗୁଡ଼ିକ ଦ୍ୱାରା ପ୍ରଦୂଷଣ ଆଦୌ ହେବନାହିଁ କହିଲେ ଚଳେ।

କାରଣ ଏହିସବୁ ଗାଡ଼ି ଗୁଡ଼ିକରେ କାଟାଲିଟିକ କନଭର୍ଟର ବ୍ୟବହାର କରାଯାଉଛି। ଏହାଦ୍ୱାରା ଗାଡ଼ିରୁ ଅଧିକ ଅଙ୍ଗାରକାମ୍ଳ ନିର୍ଗତ ହେବନାହିଁ। ଦ୍ୱିତୀୟରେ ବର୍ତ୍ତମାନ ସମୟରେ ଯେଉଁ ପେଟ୍ରୋଲ ଆସୁଛି ସେସବୁ ସଲଫରର ପରିମାଣ ବହୁତ କମ ରହୁଛି। ପେଟ୍ରୋଲରେ ସଲଫର ଅଧିକ ଥିଲେ ଏହା ଅଧିକ ପ୍ରଦୂଷଣ ସୃଷ୍ଟି କରିଥାଏ। କିନ୍ତୁ ପେଟ୍ରୋଲରେ ସଲଫର ପରିମାଣ କମିଯିବାରୁ ପ୍ରଦୂଷଣ ମାତ୍ରା ମଧ କମିଯାଉଛି। ତେଣୁ ଏଭଳି ସ୍ଥିତିରେ ଦୁଇ ଚକିଆ ଯାନକୁ ସମ୍ପୂର୍ଣ୍ଣ ପ୍ରଦୂଷଣ ସାର୍ଟିଫିକେଟ ମୁକ୍ତ କରିବା ଆବଶ୍ୟକ। ନଚେତ ଏହି ସାର୍ଟିଫିକେଟ ବାହାନାରେ କେବଳ ଲୋକଙ୍କ ଠାରୁ ଜରିମାନା ଆଦାୟ ହିଁ ସାର ହେଉଛି। ଉଦାହରଣ ବଶତଃ ଗତ ପାଞ୍ଚ ଦିନ ପରିବହନ ବିଭାଗ ୱେବସାଇଟରେ କେବଳ କେତେ ଗାଡ଼ିକୁ ସାର୍ଟିଫିକେଟ ଦିଆଯାଉଛି ତାହାର ସୂଚନା ରହିଥିଲାବେଳେ କେତେଜଣଙ୍କର ବାତିଲ ହେଉଛି ସେ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ। ଏହି କଥା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ପ୍ରଦୂଷଣ ଯାଞ୍ଚ ହେଉ କିନ୍ତୁ ପ୍ରଦୂଷଣକୁ ନେଇ ଲୋକମାନଙ୍କର ଯେଉଁ ସ୍ୱାସ୍ଥ୍ୟ ସମସ୍ୟା ହେଉଛି ଏହାପାଇଁ କିଏ ଉତ୍ତରଦାୟୀ ରହିବ ?

କଟକ
ମୋ : ୯୪୩୮୨୭୬୭୬୦

# ରୋଷେଇ ଘରେ ବିପ୍ଲବ

**ମନସିଜ୍ ଦାସ**

ବର୍ଷ ବର୍ଷ ଧରି ବିଶେଷକରି ଭାରତର ଛୋଟବଡ଼ ସହରାଞ୍ଚଳରେ ଯେଉଁ ସମୟରେ ରୋଷେଇଘରେ ଜାଳେଣି କାଠ ଓ କୋଇଲାକୁ ଠେଲି ବ୍ୟାପକ ଭାବରେ ଇନ୍ଧନର ସ୍ଥାନ ନେଲା ରନ୍ଧନ ଗ୍ୟାସ ବା ଲିକୋଫାଏଡ଼ ପେଟ୍ରୋଲିୟମ ଗ୍ୟାସ। ସେ ସମୟରେ ଗ୍ୟାସ ବିକ୍ରୟ କରୁଥିବା କମ୍ପାନୀମାନେ ଏହି ଧୂଆଁ ନଥିବା ଇନ୍ଧନର ଅଶେଷ ସ୍ଲୋଗାନ ଦ୍ୱାରା ଗ୍ରାହକଙ୍କ ପାଖରେ ପହଞ୍ଚି ପାରୁଥିଲେ। କହିବାକୁଗଲେ ସେ ସମୟରେ ଥିଲା 'ରୋଷେଇ ଘରେ ବିପ୍ଲବ'। ବର୍ତ୍ତମାନର ସମୟକୁ ଦେଖିଲେ ମହିଳାମାନେ କାଠ ଧୂଆଁ, କୋଇଲାର ଯନ୍ତ୍ରଣାରୁ ମୁକ୍ତି ପାଇ ଏହି ଇନ୍ଧନକୁ ଗ୍ରାମାଞ୍ଚଳର ମହିଳାମାନେ ଏକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଭାବେ ଗ୍ରହଣ କଲେଣି। ତେବେ ଆମ ମାନଙ୍କ ଭିତରୁ ଅଧିକାଂଶ ଜାଣିନଥିବେ ଯେ ଅପରିହାର୍ଯ୍ୟ ହୋଇପଡ଼ିଥିବା ଏହି 'ରୋଷେଇ ଘରର ବିପ୍ଳବକାରୀ' ଟିକୁ ପାଇବା ପାଇଁ ଆମେ ବିଦେଶରୁ ଆମଦାନୀ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ। ମଧ୍ୟପ୍ରାଚ୍ୟରେ ସଂଗଠିତ ଭୟଙ୍କର ଯୁଦ୍ଧ ଭିତରେ ଭାରତରେ ତେଲ, ଘରୋଇ ଗ୍ୟାସ ଓ ଲୁବ୍ରିକାଣ୍ଟକୁ ନେଇ ଭାଲେଣି ପଡ଼ିଗଲାଣି। ପ୍ରତିଦିନ ଭାରତର ରାସ୍ତାରେ ଲକ୍ଷ ଲକ୍ଷ ଯାନବାହାନ ଚାଲୁଛି। ଆମେ ଦେଖୁଛୁ ମଫସଲ ଠାରୁ ସହର ଫାଙ୍କା ରାସ୍ତା ହେଉ ବା ଭିଡ଼, ଦୁଇ ଚକିଆ ଠାରୁ ତିନିଚକିଆ, କାର ଠାରୁ ହାଇୱେ ଏବଂ ଦେଶର ଭିତ୍ତିଭୂମି, ଯୋଗାଯୋଗ ଓ ଅଭିବୃଦ୍ଧିକୁ ଆଗେଇ ନେଉଥିବା ଟ୍ରକ। ଏସବୁ ଭିତରୁ ଅଧିକାଂଶ ପ୍ରେଟୋଲ ବା ଡିଜେଲ ଦ୍ୱାରା ପରିଚାଳିତ। ଥରେ ଚିନ୍ତା କରି ଦେଖନ୍ତୁ, ଯଦି ଭାରତର ସମସ୍ତ ଯାନବାହାନ ଇଲେକ୍ଟ୍ରିକ ହୋଇଯାଏ ତେବେ କ'ଣ ହେବ ? କେହି କେହି ଏହାକୁ ଧୂଆଁ ମିଶା ଭାଷଣ କହିପାରନ୍ତି କିନ୍ତୁ ଏହା ନିଃସନ୍ଦେହ ଯେ ଏ ବ୍ୟବସ୍ଥାଟି ଭାରତର ଅର୍ଥନୀତି, ଉର୍ଜ୍ଜା ସୁରକ୍ଷା ଓ ପରିବେଶର ଭବିଷ୍ୟତକୁ ଆମୂଳ ଚୂଳ ଓଲଟ ପାଲଟ କରିଦେଇପାରେ।

ଆମେ ଜାଣିଛେ ଭାରତ ହେଉଛି ବିଶ୍ୱର ତୃତୀୟ ତେଲ ଆମଦାନୀ କାରୀ ଦେଶ। ଭାରତରେ ଚାହିଦା ଠାରୁ ଖୁବ୍ କମ ପରିମାଣର ତେଲ ଉତ୍ପାଦନ ହୋଇଥାଏ। ବର୍ତ୍ତମାନ ଭାରତ ତାହାର ପ୍ରାୟ ୮୭% କଚା ତେଲ ବିଦେଶରୁ ଆମଦାନୀ କରିଥାଏ। ଦେଶର ଜିଡ଼ିପିର ୪ରୁ ୫% ଅର୍ଥନୀତିର ଭାଗିଦାର ରହୁଥିବା ଏହି ଆମଦାନୀ ପାଇଁ ଆମ ଦେଶ ବର୍ଷକୁ ୧୫୦ରୁ ୨୦୦ ବିଲିୟନ ଡଲାର ମୁଦ୍ରା ଖର୍ଚ୍ଚ କରିଥାଏ। ତେଲ ବ୍ୟବହାରର ବଡ଼ରାଜସ୍ୱ ପରିବହନ ଖାତାରୁ ଆସିଥାଏ। ଭାରତରେ ବ୍ୟବହୃତ ପେଟ୍ରୋଲ ଓ ଡିଜେଲର ପ୍ରାୟ ୩୫-୪୦% ରାସ୍ତା ଯାନବାହାନ ଉପଭୋଗ କରେ। ଏହି କ୍ଷେତ୍ରରେ ହିଁ ଆମେ ଆଜିର ଆଲୋଚନାଟି ରଖୁଛୁ। ଯଦି ଯାନବାହାନ ଗୁଡ଼ିକ ଧୀରେ ଧୀରେ ଇଲେକ୍ଟ୍ରିକ ଯୁକ୍ତ ହୋଇଯାଆନ୍ତି ତେବେ ଭାରତର ତୈଳ ଆମଦାନୀର ଚାପଗ୍ରସ୍ତ ବଡ଼ ଅଂଶଟି କମିଯିବ। ଏହାର ସୁଯୋଗର ଦେଶର ବିଦେଶୀ ମୁଦ୍ରା ସଞ୍ଚୟ ହୋଇପାରିବା ସହ ଆମ ଅର୍ଥନୀତିକୁ ଅଭିବୃଦ୍ଧି ସମ୍ପନ୍ନ କରିବା ପାଇଁ ଏକା ଏକ ବଡ଼ ସ୍ୱାସ୍ଥ୍ୟକର ପରିବର୍ତ୍ତନର ସହାୟକ ହେବ। ବର୍ତ୍ତମାନ ରନ୍ଧନ ଗ୍ୟାସ ଟିକକ ପାଇବା ପାଇଁ ଯେଉଁପରି ନାହିଁ ନଥିବା ଅସମ୍ଭବ ପରିସ୍ଥିତି ସୃଷ୍ଟି ହେଉଛି ଏହାକୁ ଦେଖିଲେ ଏହା ନିଃସନ୍ଦେହ ଯେ, ଆମ ରୋଷେଇ ଘର ମାନଙ୍କରେ ଗ୍ୟାସ ଚୁଲା ଯାଗାରେ ତାର ସ୍ଥାନ ନେବ ଇଲେକ୍ଟ୍ରିକ ଚୁଲା। ଏଥିପାଇଁ ଲୋଡ଼ା ପଡୁଥିବା ବିଦ୍ୟୁତ ଶକ୍ତି ସୌର, କିମ୍ବା ବାୟୁ ଚାଳିତ ବିଦ୍ୟୁତ ଉତ୍ପାଦନସ୍ଥଳୀ ବା ଜଳ ବିଦ୍ୟୁତ ଓ କୋଇଲା ଚାଳିତ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରମାନଙ୍କ ଠାରୁ। ଏଠାରେ ସୂଚୀତ କରିପାରୁ ଯେ ଆମ ଦେଶର ବ୍ୟାପକ ଖଣି ମାନଙ୍କରେ ଯଥେଷ୍ଟ ପରିମାଣର କୋଇଲା ମହଜୁଦ ଅଛି। କେବଳ ସେତିକି ନୁହେଁ ଆମର ଏକ ବିଶାଳ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ଉପଲବ୍ଧ ବ୍ୟବସ୍ଥା ରହିଛି। ଯାହାଦ୍ୱାରା ବିଦେଶୀ ଯୁଦ୍ଧ ହେଉ ବା ବଜାର ମୂଲ୍ୟ ଏପରିକି କୌଣସି ଆନ୍ତର୍ଜାତିକ ଭୂରାଜନୈତିକ ଅସ୍ଥିରତା ରହିଲେ ମଧ ଆମ ଉପରେ ଏହାର ପ୍ରଭାବ ପଡ଼ିବ ନାହିଁ। ଆମେ ଆଲୋଚନା କରୁଥିବା ସୌର ଇଲେକ୍ଟ୍ରିକ ଚୁଲାଟି ପାରମ୍ପରିକ ହିଟର ନୁହେଁ ବରଂ ଏହା ଏକ ସେରାମିକ ଆଧାର ଉପରେ ଅଳ୍ପ କ୍ଷଣ ଭିତରେ ତାତି ଯାଉଥିବା କଏଲ ସବୁ ଗୋଲ ହୋଇ ମୋଡ଼ି ହୋଇ ରହିଥାନ୍ତି। ଏବେ ବଜାରରେ ଇଣ୍ଡକ୍ସନ ଷ୍ଟୋଭର ଲୋକପ୍ରିୟତା ବଢ଼ିଲାଣି। ଏହି ଇଣ୍ଡକ୍ସନ ବ୍ୟବସ୍ଥାରେ ଏକ ବିଦ୍ୟୁତ ଚୁମ୍ବକୀୟ କ୍ଷେତ୍ର ଯାହାକୁ ଇଲେକ୍ଟ୍ରୋମ୍ୟାଗନେଟିକ ଫିଲଡ଼ କୁହାଯାଏ ସୃଷ୍ଟି ହୋଇଥାଏ ଯାହା ଷ୍ଟୋଭ ଉପରେ ଥୁଆ ହୋଇଥିବା ରୋଷେଇ ବାସନ ବା ପାତ୍ରର କାନ୍ଥରେ ବହୁ ସଂଖ୍ୟକ କ୍ଷୁଦ୍ର ବିଦ୍ୟୁତ ତରଙ୍ଗମାନ ସୃଷ୍ଟି କରିଥାଏ। ଏହି ଇଲେକ୍ଟ୍ରନ ପ୍ରଭାବ ପ୍ରତି ରୋଷେଇ ପାତ୍ର ଦ୍ୱାରା ସୃଷ୍ଟି ପ୍ରତିରୋଧ ଯୋଗୁଁ ତାହା ତତକ୍ଷଣାତ୍ ରନ୍ଧନ କରିଥାଏ। ଦେଶରେ ବର୍ତ୍ତମାନ ୧୮୦ଗିଗାୱାଟରୁ ଅଧିକ ନବୀକରଣଶୀଳ ଶକ୍ତିକ୍ଷମତା ସ୍ଥାପିତ ହୋଇଛି। ଯେଉଁଥିରେ ସୂର୍ଯ୍ୟ, ପବନ ଓ ଜଳ ବିଦ୍ୟୁତ ଅନ୍ତର୍ଭୁକ୍ତ। ଯଦି ଇଲେକ୍ଟ୍ରିକ ଯାନବାହାନ ଓ ନବୀକରଣଶୀଳ ଶକ୍ତି ସାଥୀ ହୋଇ ଆଗକୁ ବଢ଼ନ୍ତେ ତେବେ ସମୟ ଆସିବ ଦିନେ ଆମ ମାନଙ୍କର ଯାନବାହାନ ସୂର୍ଯ୍ୟ ଓ ପବନ ଶକ୍ତିରେ ଚାଲିପାରିବ। ଆଜି ଆମ ଦେଶର ବଡ଼ ରାଜସ୍ୱ, ସମୟ, ସମ୍ପଦ ତଳେ ଆମଦାନୀ, ବିଶୋଧନକରଣ, ଇନ୍ଧନ ବିତରଣ ବ୍ୟବସ୍ଥା ପାଇଁ ଖର୍ଚ୍ଚ ହେଉଛି। ତେବେ ଇଲେକ୍ଟ୍ରିକ ଯାନବାହାନରେ ବ୍ୟାଟେରୀ ପ୍ରଯୁକ୍ତି ଓ ଉନ୍ନତ ଚାର୍ଜି ଢାଞ୍ଚା ରହୁଥିବାରୁ ବିଦ୍ୟୁତ୍ ଗ୍ରୀଡ ଆଧୁନିକୀକରଣ ଜରୁରୀ। ଏହାଦ୍ୱାରା ଭାରତ ଏହାର ବଡ଼ ଆୟର ଭାଗ ଭବିଷ୍ୟତ ନିମିତ୍ତ ଉର୍ଜ୍ଜା ପ୍ରଯୁକ୍ତିର ନିବେଶ କରିପାରିବ। ଏହା କେବଳ ଉର୍ଜ୍ଜାର ପ୍ରସଙ୍ଗ ନୁହେଁ ନୂଆ ଶିଳ୍ପ ଗଢ଼ି ଉଠିବା ସହ ବ୍ୟାପକ କର୍ମ ସଂସ୍ଥାନର ସୁଯୋଗ ସୃଷ୍ଟି କରିପାରିବ। ଏହାର ବିକଶିତ କ୍ଷେତ୍ର ବ୍ୟାଟେରୀ ଉତ୍ପାଦନ, ଇଭି ଉପକରଣ ନିର୍ମାଣ, ଚାର୍ଜି ନେଟୱାର୍କ, ସ୍ମାର୍ଟ ମୋବିଲିଟି ପ୍ରଯୁକ୍ତିକୁ ତ୍ୱରାନ୍ୱିତ କରିବ। ଭାରତକୁ ଏକ ଇଲେକ୍ଟ୍ରିକ ଯାନ ଶିଳ୍ପର ପ୍ରମୁଖ ହବ୍ ଭାବରେ ବିଶ୍ୱ ମାନଚିତ୍ରରେ ସ୍ଥାପିତ ହେବାର ସମ୍ଭାବନା ମଧ ରହିବ ନିଶ୍ଚୟ। କେହି କେହି ଇଲେକ୍ଟ୍ରିକ ଯାନର ବ୍ୟାପକ ବ୍ୟବହାରକୁ ଦିବା ସ୍ୱପ୍ନ କହିପାରନ୍ତି କିନ୍ତୁ ଏହା ତେଲ ଆମଦାନୀ ନିର୍ଭରତା ଉପରେ ନିୟନ୍ତ୍ରଣ ରଖିବା ସହ ଏକ ପ୍ରଦୂଷଣମୁକ୍ତ ସବୁଜ ପରିବେଶ ଆମେ ସୃଷ୍ଟି କରିପାରିବା ଏବଂ ଭାରତ ସୂର୍ଯ୍ୟ, ପବନ ଓ ବିଦ୍ୟୁତ ଶକ୍ତିରେ ଏକ ଉନ୍ନତ ଅତ୍ୟାଧୁନିକ ପ୍ରଯୁକ୍ତି ସମ୍ପନ୍ନ ଭବିଷ୍ୟତ ଗଢ଼ିବାରେ ସମର୍ଥ ହେବ।

E-mail : manasijdas@rediffmail.com

# ଆଦିବାସୀ ପରିଚୟର ସଂରକ୍ଷଣ ଓ ଧର୍ମାନ୍ତରଣର ଆହ୍ୱାନ

**ଅଭିଲାଶା**

୧୬ ଫେବୃଆରୀ ୨୦୨୬ ରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଦିଗବାଲ ତାଣ୍ଡି ବନାମ ଛତିଶଗଡ଼ ରାଜ୍ୟ ଏବଂ ଅନ୍ୟାନ୍ୟ ମାମଲା (ଡାଏରୀ ନମ୍ବର ୬୪୮୧୪/ ୨୦୨୫)ରେ ଏକ ଗୁରୁତ୍ୱପୂର୍ଣ୍ଣ ଆବେଦନକୁ ଖାରଜ କରିଦେଇଥିଲେ, ଯାହା ମିଶନାରୀମାନଙ୍କ ପ୍ରବେଶ ଉପରେ ଗ୍ରାମ ସଭା ଦ୍ୱାରା ଲଗାଯାଇଥିବା କଟକଣାକୁ ଯଥାର୍ଥ ବିବେଚିତ କରିଥିଲା । ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହଟ୍ଟାଙ୍କ ଖଣ୍ଡପୀଠ ମତ ଦେଇଥିଲେ ଯେ ଆଦିବାସୀ ଗ୍ରାମଗୁଡ଼ିକ ଦ୍ୱାଦ୍ୱାରା ଲାଗୁ ହୋଇଥିବା ଏହି ପ୍ରତିବନ୍ଧକ ସେମାନଙ୍କର ସଂସ୍କୃତି ଏବଂ ସାମାଜିକ ଅଖଣ୍ଡତାକୁ ସୁରକ୍ଷା ଦେବା ପାଇଁ ଏକ 'ନିରୋଧକ ପଦକ୍ଷେପ' । ଏହି ନିଷ୍ପତି କେବଳ ଆଇନଗତ ଭାବରେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଭଗବାନ ବିର୍ସାମୁଣ୍ଡା ଏବଂ କାର୍ତ୍ତିକ ଓରାଓଁଙ୍କ ଭଳି ମହାନ ଆଦିବାସୀ ନେତାଙ୍କ ଦ୍ୱାରା ସ୍ୱର ଉଠାଯାଇଥିବା ଦଶନ୍ଧି ପୁରୁଣା ସଂଘର୍ଷକୁ ମଧ ସ୍ୱିକୃତି ଦିଏ । ବିର୍ସା ମୁଣ୍ଡା ତାଙ୍କ ସମୟରେ ଆଦିବାସୀଙ୍କ ସାଂସ୍କୃତିକ ମୂଳଦୁଆକୁ ଦୁର୍ବଳ କରିବା ପାଇଁ ମିଶନାରୀମାନଙ୍କ ପ୍ରୟାସକୁ କଡ଼ା ସମାଲୋଚନା କରିଥିଲେ ଏବଂ ନିଜର ପ୍ରାକୃତିକ ପରମ୍ପରାକୁ ଫେରିବା ପାଇଁ ଆହ୍ୱାନ ଦେଇଥିଲେ । ସେହିପରି ପୂର୍ବତନ ସାଂସଦ କାର୍ତ୍ତିକ ଓରାଓଁ ମଧ୍ୟ ସ୍ପଷ୍ଟ ଭାବରେ ଚେତାବନୀ ଦେଇଥିଲେ ଯେ ଧର୍ମାନ୍ତରୀକରଣ ଆଦିବାସୀମାନଙ୍କୁ ସେମାନଙ୍କର ମୂଳ ପରିଚୟରୁ କାଟି ଦେଇଥାଏ ଯାହାଫଳରେ ସେମାନେ ନିଜର ସ୍ୱତନ୍ତ୍ରତା ହରାଇଥାନ୍ତି ।

ନ୍ୟାୟିକ ଦୃଷ୍ଟିକୋଣରୁ, ରେଭ୍, ଷ୍ଟାନିସ୍ଲାସ୍ ବନାମ ମଧ୍ୟପ୍ରଦେଶ ରାଜ୍ୟ (୧୯୭୭)ର ଐତିହାସିକ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି ଯେ ଧାରା ୨୫ ଅନୁଯାୟୀ ଧର୍ମ ପ୍ରଚାରର ଅଧିକାର ଅନ୍ୟଜଣେ ବ୍ୟକ୍ତିକୁ ଧର୍ମାନ୍ତରିତ କରିବାର ମୌଳିକ ଅଧିକାରର ଅନ୍ତର୍ଭୁକ୍ତ ନୁହେଁ । ସାମ୍ପ୍ରତିକ ବର୍ଷ ଗୁଡ଼ିକରେ ବିଭିନ୍ନ ଉଚ୍ଚ ନ୍ୟାୟାଳୟ ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି ଯେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ଗୁଡ଼ିକୁ 'ଧର୍ମାନ୍ତରୀକରଣର ପଦ୍ଧତିଗତ ଅସ୍ତ୍ର' ଭାବରେ ବ୍ୟବହାର କରାଯାଉଛି । ଧର୍ମାନ୍ତରୀକରଣ ଆଦିବାସୀ ଲୋକଙ୍କ ମଧ୍ୟରେ 'ଅଣ-ଆଦିବାସୀକରଣ' ପ୍ରକ୍ରିୟା ସୃଷ୍ଟି କରିଥାଏ, ଯାହାଦ୍ୱାରା ସେମାନେ ନିଜର ବହୁ ପୁରୁଣା ପୂଜା ପଦ୍ଧତି ଏବଂ ସାମ୍ପ୍ରଦାୟିକ ଉତ୍ସବଗୁଡ଼ିକୁ ପରିତ୍ୟାଗ କରି ବିଦେଶୀ ଧାର୍ମିକ ପନ୍ଥାକୁ ଆପଣେଇଥାନ୍ତି । ଏହା ସାମାଜିକ ବିଭାଜନ, ସଂଘର୍ଷ ଏବଂ ପରିବାର ଭାଙ୍ଗିବା ପରି ସ୍ଥିତି ସୃଷ୍ଟି କରିଥାଏ, ଯାହା ଶେଷରେ ଆଦିବାସୀ ସମାଜର ଏକତାକୁ ନଷ୍ଟ କରିଥାଏ

ପଞ୍ଚାୟତ (ଅନୁସୂଚିତ ଅଞ୍ଚଳକୁ ସମ୍ପ୍ରସାରଣ) ଆଇନ, ୧୯୯୬ (ପେସା), ଗ୍ରାମସଭାଗୁଡ଼ିକୁ ସେମାନଙ୍କର ସାଂସ୍କୃତିକ ପରିଚୟକୁ ସୁରକ୍ଷା ଦେବାର ସାମ୍ବିଧାନିକ ଅଧିକାର ଦେଇଛି । ଡାଏରୀ ନମ୍ବର ୬୪୮୧୪/୨୦୨୫ରେ ନ୍ୟାୟାଳୟଙ୍କ ସ୍ପଷ୍ଟ ମତ ହେଲା ଯେ କୌଣସି ଉପାୟରେ ଯଥା ପ୍ରଲୋଭନ, ଠକେଇ କିମ୍ବା ସେବା ଆଳରେ ଧର୍ମାନ୍ତରୀକରଣ ଏକ ସାମାଜିକ ବିପଦ ଯାହାକୁ ରୋକିବା ସ୍ଥାନୀୟ ସମ୍ପ୍ରଦାୟର ଆଇନଗତ ଅଧିକାର । ଉକ୍ତ ଲେଖାଟି ଗୁରୁତ୍ୱାରୋପ କରେ ଯେ ଜନଜାତି ଐତିହ୍ୟର ସଂରକ୍ଷଣ ଯେ କୌଣସି ଧାର୍ମିକ ବିସ୍ତାରବାଦୀ ଏଜେଣ୍ଡା ଠାରୁ ଉଦ୍ଧ୍ୱରେ ଏବଂ ଏହାକୁ ସଂରକ୍ଷଣ କରିବା ଭାରତର ସାଂସ୍କୃତିକ ବିବିଧତା ପାଇଁ ଅତ୍ୟାବଶ୍ୟକ ।

abhilashaa17112001@gmail.com






# ଓଡିଆ ପକ୍ଷପାଳନ ଅବସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ

କଳାହାଣ୍ଡି, ୧୩।୪(ପ୍ରବାହ ନ୍ୟୁଜ): ଭବାନୀପାଟଣା ଓଡିଆ ପକ୍ଷ ୨୦୨୬ ପାଳନ ଅବସରରେ ଆଜି କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥିଭାବେ ମାନନୀୟା ସାଂସଦ କଳାହାଣ୍ଡି ମାଳବିକା ଦେବୀ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ଓଡିଆ ପକ୍ଷ ପାଳନ ଓ ଆମ ରୁଚି ଆମ ଖାଦ୍ୟ, ଓଡିଶାର ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ



ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଭା.ଜ.ପା. ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦ, ବ୍ଲକ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ଭୋଇ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁବୋଧ ଛାତ୍ରିଆ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ଭା.ଜ.ପା. ଜିଲ୍ଲା ସମ୍ପାଦକ ଜୟ ଶଙ୍କର ନାଏକ ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ମିଶନ ଶକ୍ତି ର କର୍ମକର୍ତ୍ତା/ସଭ୍ୟା, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧ ।

# ଓଡ଼ିଆ ପକ୍ଷ ପାଳନ ଅବସରରେ 'ଆମ ରୁଚି ଆମ ଖାଦ୍ୟ'

ନବରଙ୍ଗପୁର ,୧୩।୪(ପ୍ରବାହ ନ୍ୟୁଜ): ଆଜି ଜିଲ୍ଲା ପ୍ରଶାସନ ତରଫରୁ 'ଓଡ଼ିଆ ପକ୍ଷ' ପାଳନ ଅବସରରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଆମ ରୁଚି ଆମ ଖାଦ୍ୟ' ବେଶ୍ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି । ପକ୍ଷର ୧୩ତମ ଦିବସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୩୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜ ହାତରେ ପ୍ରସ୍ତୁତ ପାରମ୍ପରିକ ଓ ସୁସ୍ୱାଦୁ ବ୍ୟଞ୍ଜନ ପ୍ରଦର୍ଶିତ କରିଥିଲେ । ବିଶେଷ କରି ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ସ୍ୱାସ୍ଥ୍ୟକର ଖାଦ୍ୟ ସହିତ ଆମଟ, ଗୁଡ଼ ପିଠା, ମାଣ୍ଡିଆ ପିଠା, ଅଟା କାକରା, ପୋଡ଼ ପିଠା, ସୁଆଁ ଖିରି, କୋଳଥ ଡାଲି, ଶୁଖିଲା ମାଛ ଭଜା, ମାଣ୍ଡିଆ ପେଜ, ଶାଗ ରୁଟି, ମାଣ୍ଡିଆ ତମ୍ପା, ପକୋଡ଼ି, ରଖା ପିଠା, ସୁଜି ପିଠା, ଆରିସା ପିଠା, ବିରି ପିଠା, ମାଣ୍ଡିଆ ଇଡଲି, ମାଣ୍ଡିଆ ଚହ୍ଲା, ଗୋଟା ମୁଗ ପକୋଡି, କୁନ୍ଦୁରି ଆଳୁ ଭଜା, ଆମ୍ବ ଚଟନି, କାଇ ଜନ୍ଦା ତରକାରୀ, କୋଳଥ ସିଝା ତରକାରୀ, ମାଣ୍ଡିଆ



ପେଜ, ଦହିବରା, ସୁଜି କାକରା, ମାଣ୍ଡିଆ କେକ୍, ମୁଗଚନ୍ଦ୍ର କାନ୍ତି, ମଟର ଚଣା ତରକାରୀ, କଦଳୀ ମଜା ରାଇ, ଲାଉ ସନ୍ତୁଳା, ଦହି ପଖାଳ, ପୋଇ ଚିଙ୍ଗୁଡ଼ି ରାଇ, ମାଟି ହାଣ୍ଡି ଦେଶୀ ଚିକେନ, ରାଗି ସୂପ, ରାଗି ହାଲୁଆ, ରାଗି ପାଳୁଅ ଓ ମାଣ୍ଡିଆ ଲଡୁ ଭଳି ଲୋଭନୀୟ ଖାଦ୍ୟ ଏହି ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ସାଜିଥିଲା ।

ଏହି ଅବସରରେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ଯୋଗ ଦେଇ ପ୍ରତିଯୋଗୀ ଙ୍କୁ ଉତ୍ସାହିତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଘାସିଆ ହରିଜନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ନବରଙ୍ଗପୁରର ଖାଦ୍ୟ ସଂସ୍କୃତି ଓ ପରମ୍ପରା ଉପରେ ଅତିଥିମାନେ ସେମାନଙ୍କର ଅଭିଭାଷଣ ରଖିବା ସହ ପ୍ରତ୍ୟେକ ରାନ୍ଧଣାଶିଳ୍ପୀଙ୍କୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ବିକେଏସଏସ ନବରଙ୍ଗପୁର ଦ୍ୱାରା ପରିବେଷିତ ପଥପ୍ରାନ୍ତ ନାଟକ ସମସ୍ତଙ୍କ ମନ ଜିଣିଥିଲା । ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା, ଯେଉଁଥିରେ ତେନ୍ତୁଳିଖୁଣ୍ଟି ମା' ମାଣିକେଶ୍ୱରୀ ଝଏଚଏ ର ଏଲ୍. ବିଜୟା ପ୍ରଥମ, ନବରଙ୍ଗପୁର ସୁକନ୍ୟା ଝଏଚଏ ର ରୀତାରାଣୀ ଭିଟୋ ଦ୍ୱିତୀୟ ଏବଂ ପାପଡାହାଣ୍ଡି ସେମଳା ଝଏଚଏ ର ଭାଗ୍ୟବତୀ ବାହୁକା ତୃତୀୟ ସ୍ଥାନ ଅଧିକାର କରିଥିଲେ । ଆସନ୍ତାକାଲି ଓଡ଼ିଆ ନବବର୍ଷ ତଥା ଓଡ଼ିଆ ଭାଷା ପକ୍ଷର ଶେଷ ଦିବସରେ ଜିଲ୍ଲା ସ୍ତରୀୟ ପିଠା ପଣା, ହୁଳହୁଳି ଓ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି । ସଂସ୍କୃତି ସହାୟକ ଆତ୍ମ ପ୍ରକାଶ ସାହୁ ଓ ଏ ସନ୍ତୋଷ କୁମାରଙ୍କ ସହଯୋଗରେ ଏହି ସଫଳ କାର୍ଯ୍ୟକ୍ରମଟି ସମ୍ପନ୍ନ ହୋଇଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ଗଞ୍ଜାମ ଜିଲ୍ଲାସ୍ତରୀୟ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ

ଛତ୍ରପୁର ୧୩ /୪ (ପ୍ରବାହ ନ୍ୟୁଜ୍) : ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଚେତନାରେ ଆମର ପାରମ୍ପରିକ ଖାଦ୍ୟ ଏକ ଅବିଚ୍ଛେଦ୍ୟ ଅଙ୍ଗ । 'ଓଡ଼ିଆ ପକ୍ଷ-୨୦୨୬' ଅବସରରେ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ ଆମର ଏହି ଗୌରବମୟ ଖାଦ୍ୟ ପରମ୍ପରାକୁ ଉଜ୍ଜୀବିତ ରଖିବା ସହ ଏହାକୁ ଏକ ନୂତନ ଦିଗ ପ୍ରଦାନ କରିବ । ଆମର ଏହି ପାରମ୍ପରିକ ରୁଚିକୁ ଆଦରି ନେବା ସହ ଓଡ଼ିଶାର ଅନନ୍ୟ ସ୍ୱାଦକୁ ବିଶ୍ୱ ଦରବାରରେ ଶୀର୍ଷକୁ ନେବା ପାଇଁ ସଙ୍କଳ୍ପବଦ୍ଧ ହେବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ଆମ ରୁଚି ଆମ ଖାଦ୍ୟ ପାଳନ କରାଯାଇଛି । ଗଞ୍ଜାମ ଜିଲ୍ଲା ପ୍ରଶାସନର ଓରମାସ ଓ ଓଡ଼ିଆ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଭିନ୍ନ ଏସଏସଜି ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସୁସ୍ୱାଦୁ ପିଠା ପ୍ରସ୍ତୁତ କରି ଏହି ପର୍ବ ପାଳନ କରାଯାଇଛି । ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା



ଖଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠି, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ,ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି ଓ ଦେବଦତ୍ତ ପଣ୍ଡା,ଗଞ୍ଜାମ ଜିଲ୍ଲା ପରିଷଦର ସିଡିଓ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ବ୍ରହ୍ମପୁର ଡିଏଫଓ ସୋନି ଖୋଖର ପ୍ରମୁଖ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିବା ସହିତ ପିଠା ଖାଇ ଆମ ପାରମ୍ପରିକ ଖାଦ୍ୟର ପ୍ରଶଂସା କରିଥିଲେ । ଏହି ଅବସରରେ ଓରମାସ ଡେପୁଟି ସିଇଓ ରାଜ ଗୋପାଳ ଦାଶ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ବହୁ ଅଧିକାରୀ ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ନାରୀ ଶକ୍ତି ବନ୍ଦନ ସମ୍ମିଳନୀ



ନବରଙ୍ଗପୁର, ,୧୩।୪(ପ୍ରବାହ ନ୍ୟୁଜ): ଆଜି ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଅଶୋକ ମେହେଟା ସମ୍ମିଳନୀ ସଭାଗୃହରେ "ନାରୀ ଶକ୍ତି ବନ୍ଦନ ସମ୍ମେଳନ" ଅବସରରେ ବିଜ୍ଞାନ ଭବନ ଦିଲ୍ଲୀ ରୁ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଲାଇଭ୍ ଷ୍ଟ୍ରିମିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ଭତରା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ ,ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ,ଶର୍ମିଷ୍ଠା ଦେଓ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଏ ଡି ପି ଏଚ ଓ ଡ ମଳୟ ତ୍ରିପାଠୀ, ଡି ଆଇ ପି ଆର୍ ଓ ମନୋଜ ବେହେରା ,ଏ ଡି ଇ ଓ ସୁପ୍ରିୟା ନାୟକ,ସମାଜ କଲ୍ୟାଣ ବିଭାଗର କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଓ ବହୁ ସଂଖ୍ୟକ ମହିଳା ଅଂଶଗ୍ରହଣ କରିଥିଲେ । ଭାରତ ସରକାରଙ୍କ ପକ୍ଷରୁ ଆୟୋଜିତ ଏହି "ନାରୀ ଶକ୍ତି ବନ୍ଦନ ସମ୍ମେଳନ" ନୂଆଦିଲ୍ଲୀର ବିଜ୍ଞାନ ଭବନରୁ ସକାଳ ୧୧ଟାରୁ ଲାଇଭ୍ ପ୍ରସାରଣ କରାଯାଇଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହି କାର୍ଯ୍ୟକ୍ରମକୁ ଉଦ୍ ?ବୋଧନ କରି ନାରୀ ସଶକ୍ତିକରଣ ଓ ଦେଶ ଗଠନରେ ମହିଳାଙ୍କ ଭୂମିକା ବିଷୟରେ ମତ ପ୍ରକାଶ କରିଥିଲେ ।

## ଘଣ୍ଟାପଡା ଥାନା ଅଞ୍ଚଳରୁ ଦୁଇ ଅସହାୟ ଶିଶୁଙ୍କୁ ଉଦ୍ଧାର କଲା ଚାଇଲ୍ଡ ହେଲ୍ପ ଲାଇନ

ବୌଦ୍ଧ, ୧୩।୪(ପ୍ରବାହ ନ୍ୟୁଜ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡା ଥାନା ଅଞ୍ଚଳରୁ ଦୁଇ ଅସହାୟ ଶିଶୁ କନ୍ୟାଙ୍କୁ ଉଦ୍ଧାର କରିଛି ଚାଇଲ୍ଡ ହେଲ୍ପ ଲାଇନ କ୍ଷ ପିତୃ ମାତୃ ହୀନ ଉଭୟ ଶିଶୁ



ନିଜ ବୃଦ୍ଧା ଜେଜେମା ପାଖରେ ଆଶ୍ରୟ ନେଇଥିଲେ । ଖବର ପାଇ ଆଜି ଚାଇଲ୍ଡ ହେଲ୍ପ ଲାଇନର ଜିଲ୍ଲା ସଂଯୋଜକ ବିନୋଦ କୁମାର ସାହୁ, କାଉନସେଲର ଘନଶ୍ୟାମ ସାହୁ, ସୁପର ଭାଇଜର୍ ସ୍ମୃତିରେଖା ପଟ୍ଟନାୟକ ଓ ଶୁଭ୍ରକାନ୍ତ ମେହେର ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲେ । ଉଭୟଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ ସମିତିରେ ଦାଖଲ୍ କରାଯିବ ବୋଲି ସୂଚନା ମିଳିଛି ।

## ଶ୍ରୀଶ୍ରୀ ସଙ୍କଟ ମୋଚନ ହନୁମାନଙ୍କ ଅଷ୍ଟାଦଶତମ ଯଜ୍ଞର କଳସ ଶୋଭା ଯାତ୍ରା



ଜଗତସିଂହପୁର, ୧୩।୪(ପ୍ରବାହ ନ୍ୟୁଜ): ଜଗସିଂହପୁର ଜିଲ୍ଲା ତ୍ରିର୍ତ୍ତୋଲ କୂଳସାମନ୍ତରାୟ,ଉକୁସହି ଗ୍ରାମର ଶ୍ରୀ ଶ୍ରୀ ସଙ୍କଟ ମୋଚନ ହନୁମାନ ଅଷ୍ଟାଦଶତମ ଯଜ୍ଞର ଆଜି ପ୍ରଥମ ଦିନରେ କଳସ ଶୋଭା ଯାତ୍ରା ହୋଇଥିଲା । ଏହି ଶୋଭା ଯାତ୍ରାରେ ଗ୍ରାମର ସମସ୍ତ ମହିଳା,ପୁରୁଷ ଓ ଯୁବକ ଯୁବତୀମାନେ କଳସ ଯାତ୍ରାରେ ଅଂଶ ଗ୍ରହଣ କରି ଗ୍ରାମ ପରିକ୍ରମା କରିଥିଲେ ।ଅପରାହ୍ନ ସମୟରେ ନିକଟସ୍ଥ ପାଇକା ନଦୀକୂଳ ଘାଟରୁ ପାଣି ଉଠାଇବାରେ ପରେ ଯଜ୍ଞ ସ୍ଥଳୀରେ ପହଞ୍ଚି ଥିଲେ ।ଏହି ଶୋଭା ଯାତ୍ରାରେ ଘଣ୍ଟ ଘଣ୍ଟା ଖୋଳ ଶଙ୍ଖର ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଥିଲା । ଏହି ଯଜ୍ଞରେ କର୍ତ୍ତା ଭାବେ ରଞ୍ଜିତ କୁମାର ରାଉତ ଓ କର୍ତ୍ତୀ ଭାବେ ମାନସୀ ରାଉତ ଯଜ୍ଞରେ ବସିଥିଲେ ।ଏହି ଶ୍ରୀ ଶ୍ରୀ ସଙ୍କଟ ମୋଚନ ହନୁମାନ ମନ୍ଦିର ନାମ ଯଜ୍ଞ ଚାରିଦିନ ଧରି ଆୟୋଜନ ହେବ ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ ଜଣାଇଛନ୍ତି । ଅନୁଷ୍ଠାନର ସଭାପତି ଉମେଶ ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ବଳରାମ ସୂତାର, ସହିତ ଦୁଇ ଗ୍ରାମର ଗ୍ରାମବାସୀମାନେ ଉପସ୍ଥିତ ଥିଲେ ।ଆଜି ପ୍ରଥମ ଦିନର ଯଜ୍ଞରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଓଡ଼ିଶାର କଳା ସଂସ୍କୃତିକୁ ବଞ୍ଚାଇ ରଖିବା ପାଲା ଅନୁଷ୍ଠିତ ହୋଇଥିଲା ।ଶେଷରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା ।

# ନାରୀଶକ୍ତି ବନ୍ଦନ ଅଧିନିୟମ ପଦଯାତ୍ରା

ବ୍ରହ୍ମପୁର, ୧୩।୪(ପ୍ରବାହ ନ୍ୟୁଜ): ନାରୀ ସଶକ୍ତିକରଣ ଏବଂ ଆତ୍ମ ସମ୍ମାନର ସମ୍ବର୍ଦ୍ଧନା ଉଦ୍ଦେଶ୍ୟରେ ନାରୀଶକ୍ତି ବନ୍ଦନ ଅଧିନିୟମ ପଦଯାତ୍ରା ଆଜି ସକାଳ ୮ଘଣ୍ଟା ୩୦ମିନିଟରେ ଆୟୋଜିତ ହୋଇଯାଇଛି କ୍ଷ ଏହି ପଦଯାତ୍ରା ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମ ଠାରୁ ଆରମ୍ଭ ହୋଇ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ ଠାରେ ଶେଷ ହୋଇଥିଲା କ୍ଷ ଏହି ପଦଯାତ୍ରାରେ ମାନ୍ୟବର ବିଧାୟକ ଶ୍ରୀ କେ ଅନିଲ କୁମାର, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ,ଅଧ୍ୟକ୍ଷା ଶ୍ରୀମତୀ ବବିତା ପାତ୍ର, ମହାନଗର ନିଗମ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ,ଜିଲ୍ଲାପାଳ ଭି କୀର୍ତ୍ତି ଓ୍ୱାସନ,ମହାନଗର କମିଶନର ସୁଶ୍ରୀ ଏ ସସ୍ୟ ରେଡ୍ଡୀ , ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର,ଡେପୁଟି କମିଶନର




ଶ୍ରୀମତୀ କଲ୍ୟାଣୀ ସଂଘମିତ୍ରା ପ୍ରମୁଖ ଉପସ୍ଥିତ ରହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ କ୍ଷ ପଦଯାତ୍ରା ପରେ ପରେ ଖଲିକୋଟ ଷ୍ଟାଡିୟମ୍ ଠାରେ ଏକ ସାଧାରଣ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଆସ୍କା ସାଂସଦ ଶ୍ରୀମତୀ ଅନିତା ଶୁଭଦର୍ଶନୀ ଯୋଗଦେଇ ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ୩୩ପ୍ରତିଶତ ସଂରକ୍ଷଣ ଆସନ୍ତା ୧୮ତାରିଖ ରେ ମହିଳାମାନଙ୍କ ପାଇଁ ସଂସଦରେ ବିଲ ପାସ ହେବ । ଆମ ଇତିହାସ ସାକ୍ଷୀ ନାରୀର ମର୍ଯ୍ୟାଦା ସବୁବେଳେ ଥିଲା ଏବଂ ରହିବ । ସାହିତ୍ୟ ଓ ଐତିହ୍ୟ ନାରୀକୁ କେବେ ଅସମ୍ମାନ କରିନି ।

## ବାଙ୍କୀ କଲେଜ ଗଣିତ ବିଭାଗ ତରଫରୁ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ପର୍ବ

ବାଙ୍କୀ,, ୧୩।୪(ପ୍ରବାହ ନ୍ୟୁଜ): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଗଣିତ ବିଭାଗ ଆନୁକୂଲ୍ୟରେ ଆଲୋଚନାଚକ୍ର ଓ ଶେଷ ବର୍ଷର ସ୍ନାତକ ଛାତ୍ରଛାତ୍ରୀ ମାନଙ୍କୁ ବିଦାଳୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଆୟୋଜିତ ଉତ୍ସବରେ ବିଭାଗୀୟ ମୁଖ୍ୟା ପ୍ରାଧାପିକା ଗାୟତ୍ରୀ ନାୟକ ସଭାପତିତ୍ୱ କରିବା ସହିତ ଆଲୋଚନା ସଂପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ପ୍ରାଧାପକ ପ୍ରମୋଦ କୁମାର ପଣ୍ଡା ଯୋଗଦାନ କରି ଗଣିତଶାସ୍ତ୍ର ପ୍ରଥମେ ଶୂନ୍ୟର ବ୍ୟବହାର ଭାରତରେ ଆରମ୍ଭ ହୋଇଥିଲା ବୋଲି କହିଥିଲେ । ବିଭିନ୍ନ ପ୍ରାଚୀନ ବେଦପୁରାଣରେ ବୈଦିକ ଗଣିତ ପ୍ରଚଳିତ ହୋଇଥିଲା ବୋଲି ପ୍ରାଧାପକ ପଣ୍ଡା ଉଲ୍ଲେଖ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରାଧାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ବୈଦିକ ଗଣିତକୁ ବ୍ୟବହାର କରି ଜାପାନ ଆଦି ଦେଶରେ ବୈଜ୍ଞାନିକ ଉପକରଣ ଓ ଯନ୍ତ୍ରପାତି ଉଦ୍ଭାବନ ହୋଇ ପାରିଛି ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡକ୍ଟର ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଡକ୍ଟର ଶ୍ରୀକାନ୍ତ ଦାଶ ଓ କ୍ୟାପଟେନ୍ ଗୁରୁବାରୀ ସାହୁ ପ୍ରମୁଖ ଯୋଗଦାନ କରି ଗଣିତର ବ୍ୟବହାର ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଶେଷ ବର୍ଷର ସ୍ନାତକ ଛାତ୍ରଛାତ୍ରୀ ମାନଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ବିଭାଗ ତରଫରୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ବାବା ସାହେବ ଡଃ ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

ଛତ୍ରପୁର, ୧୩।୪(ପ୍ରବାହ ନ୍ୟୁଜ): ସମ୍ବିଧାନ ପ୍ରଣେତା ବାବା ସାହେବ ଡଃ ଭୀମରାଓ ରାମଜୀ ଆମ୍ବେଦକରଙ୍କ ୧୩୬ତମ ଜୟନ୍ତୀ ଉପଲକ୍ଷେ ଜିଲ୍ଲା ସ୍ତରରେ ମଧ୍ୟ ଇଂରାଜୀ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମଧ୍ୟ ଇଂରାଜୀ ବିଦ୍ୟାଳୟ ସ୍ତରରେ ସାୟାଂଶ ପଟ୍ଟନାୟକ (ଓଡିଶା ଆଦର୍ଶ ବିଦ୍ୟାଳୟ, ଚମାଖଣ୍ଡି) ପ୍ରଥମ ସ୍ଥାନ, ସ୍ୱାଧୀନ ପ୍ରଧାନ (ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଛତ୍ରପୁର) ଦ୍ୱିତୀୟ ସ୍ଥାନ ଏବଂ ଦିବ୍ୟାଂଶୁ ହାତୀ (ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଛତ୍ରପୁର) ଓ କେ. ଅମ୍ବିକ



ପାତ୍ର (ଓଡିଶା ଆଦର୍ଶ ବିଦ୍ୟାଳୟ, ଚମାଖଣ୍ଡି) ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଉଚ୍ଚ ବିଦ୍ୟାଳୟ ସ୍ତରରେ ଶ୍ରୀୟାଶ୍ରୀ ବିଷୋୟୀ (କେନ୍ଦ୍ରୀୟ ବିଦ୍ୟାଳୟ, ଛତ୍ରପୁର) ପ୍ରଥମ ସ୍ଥାନ, ଦେବୀନା ନାୟକ (କେନ୍ଦ୍ରୀୟ ବିଦ୍ୟାଳୟ, ଛତ୍ରପୁର) ଦ୍ୱିତୀୟ ସ୍ଥାନ ଏବଂ ସ୍ମିତାଞ୍ଜଳୀ ସାହୁ (ପି.ଏମ୍.ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ) ଓ ସୋନମ ପ୍ରିୟା ପଣ୍ଡା (ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲ, ଛତ୍ରପୁର) ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ବରୁଣ କୁମାର ସାହୁ (ଦି ନ୍ୟୁ ଏଜ୍ ୟୁରୋ ସ୍କୁଲ, ଛତ୍ରପୁର) ପ୍ରଥମ ସ୍ଥାନ, ବସୁନ୍ଧରା ପାଣିଗ୍ରାହୀ (ଦି ନ୍ୟୁ ଏଜ୍ ୟୁରୋ ସ୍କୁଲ, ଛତ୍ରପୁର) ଦ୍ୱିତୀୟ ସ୍ଥାନ ଏବଂ ଅବନ୍ତିକା ସ୍ୱାଇଁ (ପ୍ରତିଭା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ମହାବିଦ୍ୟାଳୟ ସ୍ତରରେ ରେଶ୍ମା ସ୍ୱାଇଁ (ମହିଳା ମହାବିଦ୍ୟାଳୟ, ଛତ୍ରପୁର) ପ୍ରଥମ ସ୍ଥାନ, ଶିଖା ନାୟକ (ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଛତ୍ରପୁର) ଦ୍ୱିତୀୟ ସ୍ଥାନ ଏବଂ ପବିତ୍ର ମୁଦୁଲୀ (ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଛତ୍ରପୁର) ଓ ଶିବାନୀ ବେହେରା (ମହିଳା ମହାବିଦ୍ୟାଳୟ, ଛତ୍ରପୁର) ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ପ୍ରତିଯୋଗିତାଗୁଡିକରେ ଅଶୋକ କୁମାର ଚୌଧୁରୀ (ପୂର୍ବତନ ବିଧାୟକ), ପ୍ରଶାନ୍ତ କୁମାର ଶତପଥୀ (ଶିକ୍ଷାବିତ୍) ଓ ଦିଲ୍ଲୀପ କୁମାର ପଲେଇ (ଶିକ୍ଷାବିତ୍) ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ସମସ୍ତ ପ୍ରତିଯୋଗିତା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସୌରଭ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ।






# ସଂସ୍କୃତି ଭବନଠାରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ: ପାରମ୍ପାରିକ ଓଡ଼ିଆ ଖାଦ୍ୟର ପ୍ରଦର୍ଶନ

ମାଲକାନଗିରି, ୧୩।୪(ପ୍ରବାହ ନ୍ୟୁଜ): ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ବହୁ ଆଡ଼ମ୍ବରରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ ବିଭିନ୍ନ ପ୍ରକାରର ପାରମ୍ପାରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରି ଏହାର ପ୍ରଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ସର୍ବଶ୍ରେଷ୍ଠ ଦଳଙ୍କୁ ପୁରସ୍କୃତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦଘାଟନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ କହିଥିଲେ ଯେ ପାରମ୍ପାରିକ ଓଡ଼ିଆ ଖାଦ୍ୟ କେବଳ ଆମର ସ୍ୱାଦ ନୁହେଁ, ବରଂ ଏହା ଆମ ସଂସ୍କୃତିର ପରିଚୟ। ଆଜିର ଆଧୁନିକ ଯୁଗରେ ଆମର ପୁରାତନ




ଖାଦ୍ୟଶୈଳୀକୁ ବଞ୍ଚାଇ ରଖିବା ସହ ଏହାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଏହିଭଳି ପ୍ରୟାସ ନିଶ୍ଚିତ ଭାବେ ପ୍ରଶଂସନୀୟ। ମାଆମାନଙ୍କର ଏହି କଳା ଆଗାମୀ ଦିନରେ ସେମାନଙ୍କୁ ସ୍ୱାବଲମ୍ବୀ କରିବାରେ ବହୁତ ସହାୟକ ହେବ।ବିଚାରକ ଭାବେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ ଓ ପ୍ରୋଗ୍ରାମ ଅଫିସର ଇନ୍ଦିରା ପ୍ରଧାନ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରମିଳା ମାଝୀ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିବା ବେଳେ ମିଶନ ଶକ୍ତି ଡିପିସି ହର୍ଷାନନ୍ଦ ପ୍ରଧାନ ଆୟୋଜନରେ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ସିଇଓ ସ୍ୱସ୍ତିକା ପ୍ରଧାନ ଏବଂ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଉପସ୍ଥିତ ଥିଲେ। ଅତିଥି ମାନେ ମତବ୍ୟକ୍ତ କରିଥିଲେ ଯେ ଖାଦ୍ୟ ପ୍ରସ୍ତୁତିରେ ସ୍ୱାଦ ସହିତ ସ୍ୱଚ୍ଛତା ଓ ପୁଷ୍ଟିକର ଗୁଣ ଉପରେ ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ। ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ ଯେଉଁଭଳି ଭାବେ ସ୍ୱଦେଶୀ ଜ୍ଞାନକୌଶଳରେ ସୁସ୍ଥକର ଖାଦ୍ୟ ପ୍ରସ୍ତୁତ କରିଛନ୍ତି, ତାହା ପ୍ରଶଂସାଯୋଗ୍ୟ। ଡିପିସି ମିଶନ ଶକ୍ତି କହିଥିଲେ ଯେ ମିଶନ ଶକ୍ତି ମାଆମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ସହ ସେମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଆମର ମୁଖ୍ୟ ଉଦ୍ଦେଶ୍ୟ। ଏହି ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ଏକ ବଡ଼ ମାଧ୍ୟମ ସାଜିବ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କର୍ମଚାରୀ ଦେବାଶିଷ ବିଶ୍ୱାଳ, ସନ୍ତୋଷ ବିଶ୍ୱାସ, ଦୂତୀକୃଷ୍ଣ ପାଢ଼ୀ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀମାନେ ସକ୍ରିୟ ସହାୟତା କରିଥିଲେ ।

# କରଞ୍ଜିଆ ମହୋତ୍ସବ -୨୦୨୬ ଶୁଭାରମ୍ଭ, ମୁଖ୍ୟ ଆକର୍ଷଣ ଓଲିଉଡ ଅଭିନେତ୍ରୀ ଭୂମିକା ଦାସଙ୍କ ନୃତ୍ୟରେ ଝୁମିଲେ ଦର୍ଶକ



କରଞ୍ଜିଆ, ୧୩।୪(ପ୍ରବାହ ନ୍ୟୁଜ): ଠାରୁ ଆରମ୍ଭ ହୋଇ ୧୨/୪ ଦିନ ଉଦଯାପିତ ହବ। ୧୩ ତମ ବର୍ଷରେ ପାଦ ଦେଇଥିବା କରଞ୍ଜିଆ ମାଟିର ମହୋତ୍ସବ ଆଗାମୀ ୪ ଦିନ ପର୍ଯ୍ୟନ୍ତ କରଞ୍ଜିଆ ମାଟିର ସାଂସ୍କୃତିକ ମହାମଞ୍ଚରେ ସ୍ଥାନୀୟ ଓ ଓଡ଼ିଶାର ସୁନାମଧନ୍ୟ କଳାକାର ମାନଙ୍କ ସମାଗମରେ ଆରମ୍ଭ ହୋଉଛି। ଏହି ସାଂସ୍କୃତିକ ମଞ୍ଚର ଅଭିପ୍ରାୟ କରଞ୍ଜିଆ ଅଞ୍ଚଳର ଲୁକ୍କାୟିତ ପ୍ରତିଭାବାନ କଳାକାର ମାନଙ୍କୁ ନିମନ୍ତ୍ରିତ କଳାକାର ମାନଙ୍କ ସହ ସମ୍ପର୍କରେ ଆଣି କଳାର ଆଦାନ ପ୍ରଦାନ କରି ସେମାନଙ୍କ ପ୍ରତିଭାକୁ ସ୍ୱୀକୃତି ପ୍ରଦାନ କରିବା। ଆଜି ସକାଳେ ମହୋତ୍ସବ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଶାଳ ପୂଜା ଓ ପେଣ୍ଡାଲ ପୂଜା ଅର୍ଚ୍ଚନା କରାଯାଇଥିଲା ଏବଂ ଅପରାହ୍ନରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମା ଅମ୍ବିକା ମନ୍ଦିର ନିକଟରୁ ଆଜ୍ଞାମାଳ ନେଇ ଏହି ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ ମିଳନ ପଡ଼ିଆ ମହୋତ୍ସବ ପେଣ୍ଡାଲ ପର୍ଯ୍ୟନ୍ତ ସଦସ୍ୟ ସଦସ୍ୟା ମାନଙ୍କ ଦ୍ୱାରା ଅଣାଯାଇଥିଲା।ପରେ ପରେ କରଞ୍ଜିଆ ଅଞ୍ଚଳର ବିଭିନ୍ନ କଣ୍ଠଶିଳ୍ପୀଙ୍କ ଦ୍ୱାରା କଣ୍ଠ ସଂଗୀତ ଗାନ କରାଯାଇଥିଲା।। ଉତ୍ସବ କାର୍ଯ୍ୟକ୍ରମ ପରିଚାଳନା ଟିଭି କଳାକାର ଖୁସୀ କୁମାରୀ ଓ ନରୋତ୍ତମ ତନ୍ତି ଉଦଘୋଷକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ।

## ପଡିଆ ବ୍ଲକରେ ବିକାଶ କାର୍ଯ୍ୟର ଅନୁଧ୍ୟାନ କଲେ ମାଲକାନଗିରି ଜିଲ୍ଲାପାଳ

ମାଲକାନଗିରି, ୧୩।୪(ପ୍ରବାହ ନ୍ୟୁଜ): ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ପଡିଆ ବ୍ଲକ ଗସ୍ତ କରି ବିଭିନ୍ନ ଅଞ୍ଚଳରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ସେଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ ସମୟରେ ସେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଜନସାଧାରଣଙ୍କ ସୁବିଧା ପାଇଁ କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ଇରାଲଗୁଣ୍ଡି ଭିମା ମାଡକାମୀ ହାଇସ୍କୁଲର ନୂତନ ଶ୍ରେଣୀ ଗୃହ ଓ ହଷ୍ଟେଲ ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ପିଏ ଆଇଟିଡିଏ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି କନ୍ୟାଶ୍ରମ ସ୍ଥିତ ପିଏମ୍ ଶ୍ରୀ ସ୍କୁଲ୍ ପରିଦର୍ଶନ କରି ଶ୍ରେଣୀ ଗୃହର ମରାମତି ଓ ଖେଳ ପଡିଆର ଉନ୍ନତିକରଣ ଉପରେ ଗୁରୁତ୍ୱ ଦେଇଥିଲେ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନୀଳିଗୁଡାଠାରେ ନିର୍ମାଣାଧୀନ ହୋମିଓପାଥି ମେଡିକାଲ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ସେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ସହ ଇରାଲଗୁଣ୍ଡି ଅଙ୍ଗନବାଡ଼ି କେନ୍ଦ୍ରକୁ ଏକ ଆଧୁନିକ ଅଙ୍ଗନବାଡ଼ି କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ପରାମର୍ଶ ଦେଇଛନ୍ତି। ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଇ ଜିଲ୍ଲାପାଳ ଉଣ୍ଡରୁକୋଣ୍ଡାଠାରେ ମହିଳାଙ୍କ ଦ୍ୱାରା ପରିଚାଳିତ ଶାବେରୀ ଘରୋଇ ଉତ୍ପାଦ କେନ୍ଦ୍ରର ବଡ଼ି ଓ ପାମ୍ପଡ ପ୍ରସ୍ତୁତି ଦେଖି ଖୁସି ବ୍ୟକ୍ତ କରିଥିଲେ। ଏହି ଉତ୍ପାଦଗୁଡ଼ିକର ବିକ୍ରି ପାଇଁ ଏକ ରିଟେଲ ଆଉଟଲେଟ୍ ଖୋଲିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଗିରକାନପାଲିଠାରେ ବାୟୋ ଫ୍ଲୋକ୍ ମାଛ ଚାଷ ପ୍ରକଳ୍ପ ବୁଲି ଦେଖିବା ସହ ଏହାର ଉତ୍ପାଦନ ବୃଦ୍ଧି ଉପରେ ଜୋର ଦେଇଛନ୍ତି। ପଡିଆ ବ୍ଲକର ସର୍ବାଙ୍ଗୀନ ବିକାଶ ପାଇଁ ଜିଲ୍ଲା ପ୍ରଶାସନ ସର୍ବଦା ଚେଷ୍ଟା ଜାରି ରଖିଛି ବୋଲି ଏହି ଅବସରରେ ପ୍ରକାଶ ପାଇଛି।

# ଏସ୍‌ସିବି ଟ୍ରମା ଆଇସିୟୁ କେମିତି ଲାଗିଲା ନିଆଁ ତଦନ୍ତ ଆରମ୍ଭ

କଟକ, ,୧୩।୪(ପ୍ରବାହ ନ୍ୟୁଜ): ଏସ୍‌ସିବି ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ଘଟଣାକୁ ଆଉ ଦିନ କେଇଟା ପରେ ମାସେ ପୂରିବ। ଏହାରି ଭିତରେ ଏସ୍‌ସିବି ଟ୍ରଜେଡିର ବିଚାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି । ଅବସରପ୍ରାପ୍ତ ବିଚାରପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ତଦନ୍ତକାରୀ ଟିମ୍ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଟିମ୍ ଅଗ୍ନିକାଣ୍ଡ ସମ୍ପର୍କରେ ନର୍ସ ଓ କର୍ମଚାରୀଙ୍କୁ ପଚରାଉଚରା କରୁଛନ୍ତି। ସୂଚନା ଅନୁଯାଇ, ମାର୍ଚ୍ଚ ୧୬ ତାରିଖରେ ଏସ୍ ?ସିବି ମେଡିକାଲ୍ ଆଇସିୟୁରେ ନିଆଁ ଲାଗିଥିଲା । ଅଗ୍ନିକାଣ୍ଡରେ ଟ୍ରମା ବିଲ୍ଡିଂରେ ପ୍ରଥମ ମହଲାରେ ଥିବା ଆଇସିୟୁରେ ଛାରଖାର ହୋଇଯାଇଥିବା ବେଳେ ଏହାର ସମ୍ମୁଖରେ ଥିବା ଅପରେସନ୍ ଥିଏଟର (ଓଟି)ରେ ଧୂଆଁ ଧାସ ବାଜିଥିଲା । ଓଟିରେ ବିଶେଷ କିଛି କ୍ଷତି ହୋଇନଥିଲେ ମଧ୍ୟ ତାହା ମାର୍ଚ୍ଚ ୧୬



ତାରିଖରୁ ବନ୍ଦ ରହିଛି । ଏହି ଅଗ୍ନିକାଣ୍ଡରେ ୧୨ଜଣ ରୋଗୀଙ୍କୁ ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। ଅବସରପ୍ରାପ୍ତ ବିଚାରପତି ଲକ୍ଷ୍ମୀଧର ବିଶ୍ୱାଳ ନ୍ୟାୟିକ ତଦନ୍ତ କରିବେ। ଏହି ତଦନ୍ତରେ ସଂପୂର୍ଣ୍ଣ ସହଯୋଗ କରିବା ପାଇଁ ଏସ.ସି.ବି ର ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତରୁ କାହାର ଅବହେଳା ଜଣାପଡ଼ିଲେ ବା କେହି ଦୋଷୀ ସାବ୍ୟସ୍ତ ହେଲେ ।

# ପ୍ରାଥମିକ ଶିକ୍ଷକ ସଂଘ ଜୀବନ ବ୍ୟାପି ଶିକ୍ଷାଦାନ ଗୁରୁଜୀ ଓ ଗୁରୁମାଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳନ

ନବରଙ୍ଗପୁର, ୧୩।୪(ପ୍ରବାହ ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଜୀବନ ବ୍ୟାପି ଶିକ୍ଷାଦାନ ଗୁରୁଜୀ ଓ ଗୁରୁମା ଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳନ କରିଥିଲେ ।ଏହି ଉତ୍ସବ ରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଆସନ ରେ ଅଳଙ୍କୃତ ହୋଇ ଶିକ୍ଷକ ମାନଙ୍କ ମାନ ସମ୍ମାନ ,ଗୁରୁ ଙ୍କ ମହିମା ଅପାର ,ତାଙ୍କ କୃପା ବିନା ସବୁ କିଛି ଅନ୍ଧାର ବୋଲି କହିଥିଲେ ଏବଂ ନିଜ ଛାତ୍ର ଜୀବନ ରେ ଗୁରୁ ଙ୍କୁ ଆଶୀର୍ବାଦ କିପରି ଥିଲା ବର୍ଣ୍ଣନା କରିଥିଲେ ଶିକ୍ଷକ ଙ୍କୁ ଜଇଉକ୍ତ ଓ ପଦୋନ୍ନତି ବିଷୟ ଉପରେ ଭରସା ଦେଇଥିଲେ ।ଏହି ଶୋଭା ରେ ମାନନୀୟ ଶ୍ରୀଯୁକ୍ତ ରମେଶ ସାହୁ ଜଣେ ଏ ଅଞ୍ଚଳ ର ନିଷ୍ଠାପର ଜନ ସେବକ,ରାଜ୍ୟ ଉପସଭାପତି ବିଜେପି ,ମାନ୍ୟବର ମନ୍ତ୍ରୀ ପ୍ରତିନିଧି ,ଶ୍ରୀଯୁକ୍ତ ଅଶୋକ ବାବୁ , ମାନ୍ୟବର ସାଂସଦ



ପ୍ରତିନିଧି ଶ୍ରୀଯୁକ୍ତ ରାମ ଆଜ୍ଞା ଉମରକୋଟ ମୁନସିପାଲଟି ନିର୍ବାହୀ ଅଧିକାରୀ ଶ୍ରୀ ଯୁକ୍ତ ଆଲୋକ କୁମାର ଅନୁଗୁଳି ଆ,ଗୋଷ୍ଠି ଶିକ୍ଷାଅଧିକାରୀ ଶ୍ରୀଯୁକ୍ତ ଈଶ୍ୱର ମାଝୀ ,ଅତିରିକ୍ତ ଗୋଷ୍ଠିଶିକ୍ୟ ଅଧିକାରୀ ଦୁଇଜଣ ଶ୍ରୀଯୁକ୍ତ ପୁରୁଷ ଉମ ମାଝୀ ,ଦେବେନ୍ଦ୍ର ବାଘ୍ ଆଜ୍ଞା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ଓ ମୁଖ୍ୟବକ୍ତା ଭାବେ ମୁଁ ରମଣୀ ରଞ୍ଜନ ତ୍ରିପାଠୀ ଯୋଗ ଦେଇ ,ଏକୋଉଷି ଜଣ ଦେବ ତୁଲ୍ୟ ଗୁରୁମା ଓ ଗୁରୁଜୀ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲୁ।ସମସ୍ତ ଙ୍କୁ ସମ୍ମାନିତ କରି ଅତ୍ୟନ୍ତ ଖୁସି ହେଲୁ।

# ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର – "ଦ ଭିଲେଜ୍ ଷ୍ଟୋର", କଟକ ଠାରେ ଉପମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ

କଟକ,,୧୩।୪(ପ୍ରବାହ ନ୍ୟୁଜ): ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅଧୀନରେ ଓରମାସ ପକ୍ଷରୁ କଟକର ନେତାଜୀ ବସ୍ ଟର୍ମିନାଲ (CNBT) ଠାରେ ନବ ସ୍ଥାପିତ "ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର – ଦ ଭିଲେଜ୍ ଷ୍ଟୋର" ର ସଫଳ ଶୁଭାରମ୍ଭ ପରେ ଆଜି ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଏହି କେନ୍ଦ୍ରକୁ ପରିଦର୍ଶନ କରିଥିଲେ। ଏହି ସମୟରେ କଟକ ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ୍, ଡିପୁଟି କମିଶନର ଅଫ୍ ପୋଲିସ୍ (DCP), କଟକ ମହାନଗର ନିଗମ (CMC) କମିଶନର ଓ ଓରମାସର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ଶ୍ରୀ ବିପିନ ରାଉତ ଓରମାସର ହକ୍କସଭସ୍ପ ଉରଙ୍ଗ ମାନ୍ୟବର ଉପମୁଖ୍ୟମନ୍ତ୍ରୀଙ୍କୁ ଏହି ବଜାରର ବିଶେଷ ପରିକଳ୍ପନା ବିଷୟରେ ଅବଗତ



କରାଇଥିଲେ। ଏହି ପ୍ରୟାସ ମାଧ୍ୟମରେ ଗ୍ରାମୀଣ ସ୍ୱୟଂସାହାୟକ ଗୋଷ୍ଠୀ (SHGs), କୃଷକ ଓ କାରିଗରମାନଙ୍କ ଉତ୍ପାଦିତ ପଣ୍ୟଗୁଡ଼ିକୁ ସରାସରି ବଜାର ସୁବିଧା ମିଳିବା ସହ ମଧ୍ୟସ୍ଥମାନଙ୍କୁ ଦୂର କରି ପ୍ରାଥମିକ ଉତ୍ପାଦକମାନଙ୍କୁ ଯଥାର୍ଥ ମୂଲ୍ୟ ନିଶ୍ଚିତ କରାଯାଉଛି। ସେହିପରି ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ଐତିହ୍ୟକୁ ଏଠାରେ ପ୍ରଦର୍ଶନ କରାଯାଉଛି।

# ନିଲିଗୁଡାଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି- ଲୋକଙ୍କ ସମସ୍ୟାର ହେଲା ତ୍ୱରିତ ସମାଧାନ

ମାଲକାନଗିରି, ୧୩।୪(ପ୍ରବାହ ନ୍ୟୁଜ): ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ପଡିଆ ବ୍ଲକ୍ ଅନ୍ତର୍ଗତ ନିଲିଗୁଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଯୁଗ୍ମ ଜନ ଶୁଣାଣି ଓ ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଶତାଧିକ ସ୍ଥାନୀୟ ବାସିନ୍ଦା ନିଜର ବିଭିନ୍ନ ସମସ୍ୟା ନେଇ ପହଞ୍ଚିଥିଲେ। ଏହି ଶିବିରରେ ମୋଟ ୮୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା, ଯେଉଁଥିରେ ୩୮ଟି ବ୍ୟକ୍ତିଗତ ଏବଂ ୪୬ଟି ଗ୍ରାମ୍ୟ ସମସ୍ୟା ଅନ୍ତର୍ଭୁକ୍ତ ଥିଲା। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜମି ପଟ୍ଟା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ଏବଂ



ଭିନ୍ନକ୍ଷମ ସହାୟତା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହା ସହିତ ପାନୀୟ ଜଳ, ବିଦ୍ୟୁତ ସଂଯୋଗ ଓ ରାସ୍ତାଘାଟ ଭଳି ମୌଳିକ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସମେତ ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ ଏବଂ ସିଡିଏମଓ ଡ଼ା. ଡୋଳାମଣି ପ୍ରଧାନ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିବା ସହ ତାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ତହସିଲଦାର, ବିଡିଓ ଏବଂ ଜିଲ୍ଲା ସ୍ତରୀୟ ପଦାଧିକାରୀମାନେ ଏହି ଶିବିରରେ ସାମିଲ ହୋଇଥିଲେ।

# ବୀଣାଭାରତୀ ମଡର୍ଣ୍ଣ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ବୌଦ୍ଧ ,୧୩।୪(ପ୍ରବାହ ନ୍ୟୁଜ): ବୌଦ୍ଧ ଜିଲ୍ଲା ସଦର ବ୍ଲକ ବାଉଁଶୁଣୀସ୍ଥିତ (ଦନ୍ତାପାଲି) ବୀଣାଭାରତୀ ମଡ଼ର୍ଣ୍ଣ ପବ୍ଲିକ ସ୍କୁଲର ଦଶମ ବାର୍ଷିକ ଉତ୍ସବ ସ୍କୁଲ ପରିସରଥିବା ଅଡିଟୋରିୟମ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷ ମନୋରଞ୍ଜନ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଣ୍ଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନାଇ ଚରଣ ଦାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମଡେଲ ଡିଗ୍ରୀ କଲେଜ ବୌଦ୍ଧର ଅଧ୍ୟାପକ ଡ଼. ପ୍ରବୀର ଦାଶ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ବୌଦ୍ଧ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରିୟଦର୍ଶୀ



ପ୍ରତ୍ୟୁଷ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲର ସହକାରୀ ଶିକ୍ଷକ ଅଜିତ ଦୀପ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀପଧାନ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ସୁନୀଲ୍ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହିଅବସରରେ ବିଭିନ୍ନ ବିଭାଗରେ ସଫଳତା ଅର୍ଜନ କରିଥିବା ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ମଞ୍ଚାସିନ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପରେ ସ୍କୁଲର ଛାତ୍ରଛାତ୍ରୀ ମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# କଟକରେ 'ନାରୀ ଶକ୍ତି ବନ୍ଦନା' କାର୍ଯ୍ୟକ୍ରମ: ମହିଳାଙ୍କ ପାଇଁ ଏକ-ତୃତୀୟାଂଶ ସଂରକ୍ଷଣ ଉପରେ ଗୁରୁତ୍ୱ

କଟକ, ,୧୩।୪(ପ୍ରବାହ ନ୍ୟୁଜ): ଆଜି କଟକର ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମଠାରେ 'ନାରୀ ଶକ୍ତି ବନ୍ଦନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ , କଟକ ସଦର ବିଧାୟକ ପ୍ରକାଶ ସେଠୀ, କଟକ ଜିଲ୍ଲାପାଳ ଓ ମହାନଗର ନିଗମ କମିସନର ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ସମୟରେ ମହିଳାମାନେ ସବୁ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରି ଆଗରେ ରହିଛନ୍ତି । ବିଶେଷକରି ୨୦୨୪ ନିର୍ବାଚନରେ ପୁରୁଷଙ୍କ ଅପେକ୍ଷା ମହିଳା ଭୋଟରଙ୍କ ସଂଖ୍ୟା ଅଧିକ ରହିଥିଲା, ଯାହା ନାରୀ ଶକ୍ତିର ପ୍ରଭାବକୁ ଦର୍ଶାଉଛି । ସେ କହିଛନ୍ତି ଯେ, ମହିଳାମାନେ ସବୁ କାମ କରିପାରୁଥିଲେ ମଧ୍ୟ ସଂରକ୍ଷଣ କ୍ଷେତ୍ରରେ ପଛରେ ଅଛନ୍ତି । ଆମକୁ ଅଧା ସଂରକ୍ଷଣ ଦରକାର ନାହିଁ, କିନ୍ତୁ ଏକ-ତୃତୀୟାଂଶ ସଂରକ୍ଷଣ ନିହାତି ଆବଶ୍ୟକ । ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଏହି ସଂରକ୍ଷଣ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ଯୋଗ ଦେଇଥିଲେ ।






# ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ତରଫରୁ " ଆମ ରୁଚି, ଆମ ଖାଦ୍ୟ" ପାଳିତ

କେନ୍ଦ୍ରାପଡ଼ା, ୧୩।୪(ପ୍ରବାହ ନ୍ୟୁଜ): ଓଡ଼ିଆ ପକ୍ଷ ପାଳନ ଅବସରରେ "ପାରମ୍ପରିକ ଖାଦ୍ୟ ପାଇଁ ଦିନଟିଏ – ଆମ ରୁଚି, ଆମ ଖାଦ୍ୟ" କାର୍ଯ୍ୟକ୍ରମ କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ଗ୍ରାମ ପଂଚାୟତ ମହାସଂଘ ମାନଙ୍କ ତରଫରୁ ଓଡ଼ିଶା ଜୀବିକା ମିଶନ (ଡ଼ଖଗ) ଏବଂ ମିଶନ ଶକ୍ତିର ସହଯୋଗରେ ସଫଳତାର ସହିତ ଜିଲ୍ଲାବ୍ୟାପୀ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଆ ପାରମ୍ପରିକ ଖାଦ୍ୟ ସଂସ୍କୃତିକୁ ଉଜ୍ଜୀବିତ କରିବା ସହ ଗ୍ରାମୀଣ ମହିଳାମାନଙ୍କ ସଶକ୍ତିକରଣକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାର ବିଭିନ୍ନ ଗ୍ରାମ ପଂଚାୟତ ମହାସଂଘ ସ୍ତରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱୟଂସହାୟକ ଗୋଷ୍ଠୀ (ଝଐଏ) ମହିଳାମାନେ ସକ୍ରିୟ ଭାବେ ଭାଗନେଇ ବିଭିନ୍ନ ପାରମ୍ପରିକ ଓଡ଼ିଆ ଖାଦ୍ୟ ପଦାର୍ଥ ପ୍ରସ୍ତୁତ ଓ ପ୍ରଦର୍ଶନ କରିଥିଲେ। ପଖାଳ, ଚକୁଳି, ମଣ୍ଡା ପିଠା, ଅରିସା, ଶାଗ ଭଜା, ଖେଚୁଡ଼ି



ପରି ଲୋକପ୍ରିୟ ପାରମ୍ପରିକ ପଦାର୍ଥ ମାଧ୍ୟମରେ ଓଡ଼ିଆ ଖାଦ୍ୟର ସ୍ୱାଦ, ବିବିଧତା ଓ ପୌଷ୍ଟିକ ଗୁଣବତାକୁ ଉଜାଗର କରାଯାଇଥିଲା। ଉପସ୍ଥିତ ଜନସାଧାରଣ ଏହି ପଦାର୍ଥଗୁଡ଼ିକୁ ଖାଇ ଗ୍ରାମୀଣ ମହିଳାମାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମର ମୂଖ୍ୟ ଉଦ୍ଦେଶ୍ୟ ଥିଲା ପାରମ୍ପରିକ ଖାଦ୍ୟ ପ୍ରତି ଲୋକମାନଙ୍କ ଆଗ୍ରହ ବଢ଼ାଇବା, ଆମ ଆଦି ଖାଦ୍ୟ ଅଭ୍ୟାସକୁ ପୁନରୁଦ୍ଧାର କରିବା ସହ ସ୍ଥାନୀୟ ଉତ୍ପାଦନକୁ ପ୍ରୋତ୍ସାହନ ଦେବା। ଏହା ମାଧ୍ୟମରେ ମହିଳାମାନେ ନିଜ ପାକଶାଳା କୌଶଳ ପ୍ରଦର୍ଶନ କରିବା ସହ ସ୍ୱୟଂରୋଜଗାର ଓ ଆତ୍ମନିର୍ଭରତା ଦିଗରେ ଆଗେଇବାର ପ୍ରେରଣା ପାଇଥିଲେ। ଏହି ପ୍ରୟାସ ଓଡ଼ିଆ ପାରମ୍ପରିକ ଖାଦ୍ୟର ସୁରକ୍ଷା, ପ୍ରଚାର ଓ ପ୍ରସାର ପାଇଁ ଏକ ସାର୍ଥକ ପଦକ୍ଷେପ ରୂପେ ପରିଗଣିତ ହୋଇଥିବା ବେଳେ ଏହା ମାଧ୍ୟମରେ ସମାଜରେ ସାମୁହିକ ସଚେତନତା ସୃଷ୍ଟି ହୋଇଛି।

# ଏମ. ପି.ଏସ ଏକାଡେମୀ, ଉମରକୋଟ ଦ୍ୱାରା ସମ୍ବର୍ଦ୍ଧନା ସଭା

ଉମରକୋଟ, ୧୩।୪(ପ୍ରବାହ ନ୍ୟୁଜ): ଉମରକୋଟ ମଲ୍ଟି ପୋର୍ପସ ସ୍ପୋର୍ଟ୍ସ ଏକାଡେମୀ ଠାରେ ଅଧ୍ୟୟନରତ ୧୫ ଜଣ ଛାତ୍ରଛାତ୍ରୀ,ମାଧ୍ୟମିକ ଶିକ୍ଷା ବୋର୍ଡ (BSE) ଦ୍ୱାରା ପରିଚାଳିତ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଡ଼ଝଝଞରଞ) ପାଇଁ ଆବେଦନ କରିଥିଲେ ଏବଂ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ମଧ୍ୟ ହେଇଛନ୍ତି କ୍ଷ ସୂଚନା ଥାଉ କି କେବଳ ଉମରକୋଟ ନୁହଁ ବରଂ ଭୁବନେଶ୍ୱର, କୋଷାଗୁମୁଡା, କୋଟପାଡ଼, ନବରଙ୍ଗପୁର, କୋରାପୁଟ, ରାଇଘର ଏବଂ ଝରଗାଁ ରୁ ଆସି ଶାରୀରିକ ଶିକ୍ଷା ଶିକ୍ଷକ ପ୍ରଫୁଲ୍ଲ କଲାରଙ୍କ ଅଧୀନରେ ନିଶୁଳ୍କ ପ୍ରଶିକ୍ଷଣ ନେଉଥିଲେ। ଏହି ଏକାଡେମୀ ରେ କ୍ରୀଡ଼ାବିତ ମାନଙ୍କୁ ବିଭିନ୍ନ କ୍ରୀଡ଼ା ସମ୍ବନ୍ଧୀୟ ପ୍ରଶିକ୍ଷଣ ଦେବା ସହିତ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ନିମିତ୍ତ ପ୍ରସ୍ତୁତ କରିବା ମୂଳ ଉଦ୍ଦେଶ୍ୟ ବୋଲି ପରିଚାଳନା ନିର୍ଦ୍ଦେଶକ ତଥା କ୍ରୀଡ଼ା ଶିକ୍ଷକ ଏମ. ବିଜୟ କୁମାର ମତବ୍ୟକ୍ତ କରିଛନ୍ତି କ୍ଷ ଆଗାମୀ ଭବିଷ୍ୟତ ରେ ଆହୁରି ଅନେକ କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ରଖି ଉମରକୋଟ



ମଲ୍ଟି ପୋର୍ପସ ସ୍ପୋର୍ଟ୍ସ ଏକାଡେମୀର ଏହି ସଫଳ କ୍ରୀଡ଼ାବିତ ମାନଙ୍କୁ ନେଇ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ କରାଯାଇଅଛି। ଯୋଗେଶ ପୂଜାରୀ, ଏନେସ ଶବର,ରାଇଲା ଭତ୍ରା,ବବିତା ସାନ୍ତା, ଜଗଦୀଶ ସାନ୍ତା, ବସନ୍ତ ସାନ୍ତା, ନକୁଳ ହରିଜନ, ସୁମିତ ହରିଜନ, ଆନନ୍ଦ ହରିଜନ, ରାମବତୀ ହରିଜନ, ସନ୍ତୋଷ ଗାଦବା,ସୁମନ କିସାନ, ଧକଳସିଂ ଗଣ୍ଡ, ଶ୍ରୀରାମ ଚାଲାନ, ପ୍ରିୟଙ୍କା ଟସ୍ପୋ ପ୍ରମୁଖ ଏକାଡେମୀର ସଫଳ ପରୀକ୍ଷାର୍ଥୀ ନିଜ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ ଏବଂ ବିଶେଷ କରି ସେମାନଙ୍କ ସଫଳତା ପଛରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଦୁଇଜଣ ବ୍ୟକ୍ତିତ୍ୱ ପ୍ରଫୁଲ୍ଲ କଳାର, ଶାରୀରିକ ଶିକ୍ଷା ଶିକ୍ଷକ ଏବଂ ଏମ. ବିଜୟ କୁମାର,ପରିଚାଳନା ନିର୍ଦ୍ଦେଶକ ତଥା କ୍ରୀଡ଼ା ଶିକ୍ଷକ ଙ୍କୁ ଅନ୍ତରରୁ କୃତଜ୍ଞତା ବ୍ୟକ୍ତ କରିଥିଲେ। ନବୀନା ସାନ୍ତା, ପୁନେଇଁ ପୂଜାରୀ,ଏବଂ ନରସିଂ ହରିଜନ ଙ୍କୁ ମଧ୍ୟ ସେମାନଙ୍କ ସହଯୋଗ ହେତୁ ସାଧୁବାଦ ଜ୍ଞାପନ କରିଥିଲେ। ଉକ୍ତ ସମ୍ବର୍ଦ୍ଧନା ସଭାରେ ଭାରପ୍ରାପ୍ତ ଅଧିକାରୀ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଶ୍ରୀ ଅଶୋକ କୁମାର ସାହୁ,ପ୍ରାକ୍ତନ ବରିଷ୍ଠ ଶିକ୍ଷାବିତ ଶ୍ରୀ ଭାସ୍କର ବେହେରା,ମହିଳା କ୍ରୀଡ଼ା ସଂଯୋଜିକା ଜିଲ୍ଲା କ୍ରୀଡ଼ା ସଙ୍ଘ ଇଂ. ଚନ୍ଦନା ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିବାରେ ନିଜର ଯୋଗଦାନ ଦେଇଥିଲେ।

# ଘନଉଛି ପାନୀୟଜଳ ସଙ୍କଟ ସହରାଞ୍ଚଳ ପ୍ରକଳ୍ପ ନିର୍ମାଣ ବିଳମ୍ବିତ

ଆଠଗଡ଼,୧୩/୪ ଆଠଗଡ ସହରରେ ଦିନ କୁ ଦିନ ପାନୀୟଜଳ ସଙ୍କଟ ଘନାଇବାରେ ଲାଗିଛି।ସହରରେ ଘର ଓ ଜନ ସଂଖ୍ୟା ବଢୁଥିବା ବେଳେ ପାଇପ ଯୋଗେ ପାନୀୟଜଳ ଯୋଗାଣର ଚାହିଦା ସେଇ ଅନୁପାତରେ ବଢ଼ିବାରେ ଲାଗିଛି। ଭୂତଳ ଜଳସ୍ତର ବିଶେଷକରି ଖରାଦିନେ ବହୁ ମାତ୍ରାରେ ହ୍ରାସ ପାଉଥିବାରୁ ଜଳଯୋଗାଣ ସମସ୍ୟା ସୃଷ୍ଟି ହେଉଛି। ଆଠଗଡ଼ ସହରରେ ପାନୀୟଜଳ ଯୋଗାଣ ମୁଖ୍ୟତଃ ଗଭୀର କୂପ ଉପରେ ନିର୍ଭରଶୀଳ।ସହରରେ ମୋଟ ୧୮ଟି ଅତି ଗଭୀର କୂପରୁ ପାନୀୟଜଳ ଯୋଗାଣ ହୋଇଥାଏ।ମହାନଦୀରୁ ମଧ୍ୟ ପାଇପ ଯୋଗେ ଆସିଥିବା ଜଳ ବିଶୋଧନ ହେବା ପରେ ଯୋଗାଇ ଦିଆଯାଉଛି।ସହରରେ ଖରାଦିନରେ ଅତିକମରେ ୩ ମିଲିୟନ ଲିଟର ପାଣି ଏବଂ ଅନ୍ୟ ଋତୁରେ ୨.୮ ମିଲିୟନ ଲିଟର ପାଣିର ଆବଶ୍ୟକ ରହିଛି।ମହାନଦୀରୁ ପ୍ରତିଦିନ ୧.୫ ମିଲିୟନ ଲିଟରରୁ କମ ଜଳ ଯୋଗାଣ ହୋଇପାରୁଛି।ଯାହାକି ସହରର ଆବଶ୍ୟକତାର ୫୦ ପ୍ରତିଶତ ପୂରଣ କରୁଥିବା ବେଳେ ବାକି ୫୦ ପ୍ରତିଶତ ଗଭୀର କୂପରୁ ଯୋଗାଣ ହେଉଛି।ସହରରେ ଗ୍ରୀଷ୍ମ ଋତୁରେ ପାନୀୟଜଳ ସଙ୍କଟ ଅଧିକ ରହୁଛି। ସହରରେ ବର୍ଦ୍ଧିତ ଘର ଓ ଜନ ସଂଖ୍ୟାକୁ ଦୃଷ୍ଟିରେ ରଖି ଗତ ବିଜେଡ଼ି ସରକାର ସମୟରେ ମହାନଦୀରୁ ବିଶୋଧିତ ଜଳ ଯୋଗାଣ ପାଇଁ ୨୯ କୋଟି ଟଙ୍କାର ଏକ ପାନୀୟଜଳ ପ୍ରକଳ୍ପ ନିର୍ମାଣ ପାଇଁ ମଞ୍ଜୁର ହୋଇଥିଲା।କନ୍ଦରପୁର ରାସ୍ତାର ବୌଦା ଏବଂ ଫୁଲବାଡି ଛକ ନିକଟରେ ଏହି ପ୍ରକଳ୍ପ ନିର୍ମାଣ ପାଇଁ ଗତ ୨୦୨୪ ମସିହା ଜାନୁଆରୀ ୨୩ ତାରିଖରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିଲା।ଦେଢ଼ବର୍ଷ ମଧ୍ୟରେ ଏହି ୫ ମିଲିୟନ ଲିଟର କ୍ଷମତା ବିଶିଷ୍ଟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ ଧାର୍ଯ୍ୟ କରାଯାଇଥିଲା। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ବିଳମ୍ବିତ ହୋଇଚାଲିଛି।ଆସନ୍ତା ଜୁଲାଇ ମାସ ସୁଧା ବିଶୋଧନାଗାର କାର୍ଯ୍ୟ ଶେଷ ହୋଇଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

# କେନ୍ଦ୍ରାପଡ଼ାରେ ଆନ୍ତଃକ୍ଲବ ଓ ଅନ୍ତଃଜିଲ୍ଲା ଭଲିବଲ ଓ କବାଡି ପ୍ରତିଯୋଗିତା–୨୦୨୬ ଉଦଘାଟିତ






କେନ୍ଦ୍ରାପଡ଼ା, ୧୩।୪(ପ୍ରବାହ ନ୍ୟୁଜ): ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ "ଓଡିଶା କ୍ରୀଡା ମହାକୁମ୍ଭ – ସିଏମ ଟ୍ରଫି ୨୦୨୬"ର ପ୍ରଥମ ସଂସ୍କରଣ ଅବସରରେ ଜିଲ୍ଲାସ୍ତରୀୟ ୧୪ ବର୍ଷରୁ କମ୍ ବର୍ଗର ଆନ୍ତଃକ୍ଲବ ଓ ଅନ୍ତଃଜିଲ୍ଲା ଭଲିବଲ ଓ କବାଡି ପ୍ରତିଯୋଗିତା ଆଜି ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ ଏବଂ ଯୁବ କ୍ରୀଡ଼ାଳୁମାନଙ୍କୁ କ୍ରୀଡା ମାଧ୍ୟମରେ ନିଜ କୌଶଳ ବିକାଶ କରିବା ସହ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉନ୍ନତିରେ ଗୁରୁତ୍ୱ ଦେବାକୁ ପ୍ରେରିତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ କ୍ରୀଡା ଚେତନା ବିକାଶରେ ଏପରି ପ୍ରତିଯୋଗିତାର ଭୂମିକା ବିଷୟରେ ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଏବଂ ଜିଲ୍ଲା ଆଥଲେଟିକ ସଂଘର ସମ୍ପାଦକ ସୟଦ ଆକମଲ ଅଲ୍ଲୀ ଯୋଗଦେଇଥିଲେ। ଆଜି ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଆସନ୍ତା କାଲି ଉଦଯାପିତ ହେବ। ପ୍ରତିଯୋଗିତା ପରିଚାଳନାରେ ପିଇଟିମାନେ ଓ ବିଭିନ୍ନ କ୍ରୀଡା ସଂଘର କର୍ମକର୍ତ୍ତାମାନେ ସକ୍ରିୟ ସହଯୋଗ କରିଥିଲେ।

# ନବରଙ୍ଗପୁର ତ୍ରିନାଥ ମନ୍ଦିର ପରିସରରେ ଶ୍ରୀଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକ କଳା ପରିଷଦ ଓଡିଶା

ନବରଙ୍ଗପୁର : ଆଜି ନବରଙ୍ଗପୁର ତ୍ରିନାଥ ମନ୍ଦିର ପରିସରରେ ଶ୍ରୀ ଶ୍ରୀ ଜଗନ୍ନାଥ ନାମସଂକୀର୍ତ୍ତନ ଲୋକ କଳା ପରିଷଦ ଓଡିଶା,ଶାଖା ନବରଙ୍ଗପୁର ଜିଲ୍ଲା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ନବରଙ୍ଗପୁର ଜିଲ୍ଲା ର ପ୍ରତ୍ୟେକ ଗ୍ରାମ ରେ ନାମ ସଂକୀର୍ତ୍ତନ କରିବାର ଆଲୋଚନା କରାଗଲା ।ନବରଙ୍ଗପୁର ତ୍ରିନାଥ ମନ୍ଦିର ପରିସରରେ ଶ୍ରୀ ଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକ କଳା ପରିଷଦ ଓଡିଶା ଶାଖା ର ନବରଙ୍ଗପୁର ଜିଲ୍ଲା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନବରଙ୍ଗପୁର ଜିଲ୍ଲାର ୧୦ ଗୋଟି ବ୍ଲକର ୩୨୮ ଟି ନାମସଂକୀର୍ତ୍ତନ ମଣ୍ଡଳୀର ପ୍ରମୁଖ ଗୁରୁ ମାନେ ଯୋଗଦାନ କରିଥିଲେ, ଏହି ବୈଠକରେ ନବରଙ୍ଗପୁର ଜିଲ୍ଲା ଓ ୧୦ଟି ବ୍ଲକ ରେ ବ୍ଲକ ଟିମ ଗଠନ କରାଯାଇଥିଲା, ଜିଲ୍ଲା ସଭାପତି ଭାବେ ଶ୍ରୀ ଅର୍ଜୁନ ଭତରା,ଉପସଭାପତି ଭୀଷ୍ମ ଶବର,ସମ୍ପାଦକ ଈବଉଙ୍କ ଇସ୍ୱଷକ୍ଟଳ, ସହ ସମ୍ପାଦକ ଗଙ୍ଗାଧର ମାଳି ଓ ଭବାନୀ ବିଷୋୟୀ , କୋଷାଧ୍ୟକ୍ଷ ରାମ ମୋହନ ଚୌଧୁରୀ ଓ ୧୫ଜଣ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି ଏବଂ ନବରଙ୍ଗପୁର ଜିଲ୍ଲା ର ପ୍ରତ୍ୟେକ ଗ୍ରାମ ରେ ନାମ ସଂକୀର୍ତ୍ତନ ଟିମ ଗଠନ କରିବାପାଇ ଆଲୋଚନା କରାଗଲା । ଏଥିରେ ମାନନୀୟ ଜିଲ୍ଲାଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ନବରଙ୍ଗପୁର ଶ୍ରୀ ଏକ୍ଟଙ୍କକ୍ସସସ୍ୱବଭଳବକ୍ସ ଗବହଷସ ଓ ନବରଙ୍ଗପୁର ଜିଲ୍ଲାର ରାଜ ପୁରୋହିତ ତଥା ରାଜ୍ୟ ଓକିଲ ସଂଘ ର ଉପସଭାପତି ଶ୍ରୀ ଇୟଙ୍ଗ ଘବକ୍ସବସ୍ୱସଭଶଷବ ଘବସ୍ୱଷ ଛକ୍ସସକ୍ଟବସ୍ୱଷଛ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନାମସଂକୀର୍ତ୍ତନ ମଣ୍ଡଳୀର ସମସ୍ତ କର୍ମକର୍ତ୍ତାଗଣ ଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ସଭାରେ ,ଜିଲ୍ଲା ସାଂସ୍କୃତିକ ଅଧିକାରୀ ଘାସିଆ ହରିଜନ, ସର୍ବେଶ୍ୱର ପାତ୍ର,ନାରାୟଣ ପଣ୍ଡା,କୁମୁଦ ନାୟକ ମଦନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ସ୍ତରୀୟ ଦୁଇ ଦିନିଆ ରିଫ୍ରେଶର ଓ ଇଣ୍ଡକସନ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ




ବରଗଡ,୧୩।୪(ପ୍ରବାହ ନ୍ୟୁଜ):ଦୁଇ ଦିନ ଧରି ବରଗଡ ଜିଲ୍ଲା ସ୍ତରୀୟ ରିଫ୍ରେଶର ଓ ଇଣ୍ଡକସନ ତାଲିମ କାର୍ଯ୍ୟକ୍ରମ କଲେକ୍ଟର କନଫେରେନ୍ସ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରଗଡ ଜିଲ୍ଲାର ଆରକ୍ଷ ଅଧୀକ୍ଷକ ପ୍ରହ୍ଲାଦ ସାହାଇ ମୀନା ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ପବ୍ଲିକ ପ୍ରସିକ୍ୟୁଟର, ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର,ସହାୟକ ପବ୍ଲିକ ପ୍ରସିକ୍ୟୁଟର ଓ ଏସୋସିଏଟ ପବ୍ଲିକ ପ୍ରସିକ୍ୟୁଟର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଭାରତୀୟ ସାକ୍ଷ ଅଧିନିୟମ ,ଭାରତର ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ନ୍ୟାୟ ସଂହିତା ଉପରେ ବିଶଦ ଭାବେ ଆଲୋଚନା ହୋଇଥିଲା । ସାଧନ କର୍ମୀ ରୂପେ ପବ୍ଲିକ ପ୍ରସିକ୍ୟୁଟର ରଶ୍ମି ରେଖା ଦେଓ , ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଭୁବନେଶ୍ୱରୀ ନାଏକ ଏବଂ କଟକ ଉଚ୍ଚ ନ୍ୟାୟାଳୟ ର ଏଡଭୋକେଟ ସୂର୍ଯ୍ୟସନାତା ପଲ ଓ ବରଗଡ ସିଡିଏମଓ ଡକ୍ଟର କୁବେର ଚନ୍ଦ୍ର ମହାନ୍ତ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁସନ ବେଣୁଲାଲ ପ୍ରଧାନ, ଏସିଷ୍ଟେଣ୍ଟ ଡାଇରେକ୍ଟର ପ୍ରସିକ୍ୟୁସନ ସୁଶୀଲ କୁମାର ସୁନାନୀ , ଡେପୁଟି ଡାଇରେକ୍ଟର ଜୁଡିସିଆଲ ନିରଞ୍ଜନ ବେହେରା ଓ ଏସିଷ୍ଟେଣ୍ଟ କଲେକ୍ଟର ଜୁଡିସିଆଲ ଉମାକାନ୍ତ ସଂଜୀବ ଶେଖର କୁମୁରା ପ୍ରମୁଖ ପରିଚାଳନା କରିଥିଲେ ।

# ଓଡ଼ିଆ ପକ୍ଷ ୨୦୨୬ ଅବସରରେ ଜିଲ୍ଲାସ୍ତରୀୟ ବନ୍ଦନୀୟ ବରପୁତ୍ର ଓ କବିତା ପାଠୋତ୍ସବ ଆୟୋଜିତ

## ଓଡିଶାକୁ ନେଇ ବରପୁତ୍ରମାନେ ଦେଖିଥିବା ସ୍ୱପ୍ନ ସାକାର କରିବା ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ: ଗଞ୍ଜାମ ଜିଲ୍ଲାପାଳ

ଛତ୍ରପୁର, ୧୨।୪(ପ୍ରବାହ ନ୍ୟୁଜ): ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲାପରିଷଦର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବନ୍ଦନୀୟ ବରପୁତ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ଗଠନ ଓ ତା ସହିତ ଏହାର ଉନ୍ନତି ପାଇଁ କାର୍ଯ୍ୟ କରିଥିବା ବରପୁତ୍ରମାନଙ୍କର ତ୍ୟାଗ ଓ ବଳିଦାନକୁ ମନେ ପକାଇଥିଲେ। ସେହି ବରପୁତ୍ର ମାନେ ଓଡିଶାକୁ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ତାକୁ ସାକାର କରିବା ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ ବୋଲି କହିଛନ୍ତି । ବରପୁତ୍ରମାନଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋଚନା ଚକ୍ର ଆୟୋଜନ କରି ଯୁବପିଢ଼ିଙ୍କୁ ସେମାନଙ୍କ ମହାନତା ଓ ମହାମାର୍ଗ ସମ୍ପର୍କରେ ଅବଗତ କରାଇବା ପାଇଁ ଜିଲ୍ଲାପାଳ ଜିଲ୍ଲାର ସାରସ୍ୱତ ସାଧକ ମାନଙ୍କୁ ଅନୁରୋଧ କରିଛନ୍ତି । ସମ୍ମାନିତ ଅତିଥି ଭାବେ



ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେରକେଟା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଛତ୍ରପୁର ସାହିତ୍ୟ ସଂସଦର ସଭାପତି ବ୍ରଜ ମୋହନ ଆଚାର୍ଯ୍ୟ ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବହୁ ସାହିତ୍ୟିକ, କବି ଓ କବିୟତ୍ରୀ ମାନେ ଯୋଗ ଦେଇ ଓଡ଼ିଶାର ବରପୁତ୍ର ମାନଙ୍କ ସ୍ମୃତିଚାରଣ କରିଥିଲେ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ ସାଧନା ଓ କୃତିତ୍ୱ ବିଷୟରେ ଡ଼. ଅନନ୍ତ ରାମ କର କୌଣ୍ଡିନ୍ୟ, କବିସୂର୍ଯ୍ୟ ବଳଦେବ ରଥଙ୍କ କବିତା ଓ ଭକ୍ତିମୟ ରଚନା ବିଷୟରେ ହରେକୃଷ୍ଣ ପଣ୍ଡା ତାଙ୍କ ମତାମତ ରଖିଥିଲେ। ସେହିପରି ମହାରାଜ ହରିହର ମର୍ଦ୍ଦରାଜଙ୍କ ଶାସନ ଓ ଅବଦାନ ଉପରେ ଡ଼. ପ୍ରକାଶ ପାଣିଗ୍ରାହୀ ଏବଂ ମହାରାଜ କୃଷ୍ଣଚନ୍ଦ୍ର ଗଜପତିଙ୍କ ଐତିହାସିକ ଭୂମିକା ଉପରେ ଡ଼. ଅଜୟ କୁମାର ତ୍ରିପାଠୀ ଆଲୋକପାତ କରିଥିଲେ।ସେହିପରି ସଂଗ୍ରାମୀ ଚକରା ବିଷୋୟୀ/ଦୋହରା ବିଷୋୟୀଙ୍କ ବୀରତା ଓ ଦେଶପ୍ରେମ ଉପରେ ଡ଼. ପ୍ରଦୀପ ପଟ୍ଟନାୟକ ଓ ଜ୍ୟୋତିର୍ବିଦ ବାଇକୋଳି ମହାପାତ୍ରଙ୍କ ଜ୍ଞାନ ଓ ଅବଦାନ ବିଷୟରେ ଡ଼. ଦ୍ୱାରିକାନାଥ ମହାରଣା, ଗଞ୍ଜାମର ଇତିହାସ ଉପରେ ଅଶୋକ ଚୌଧୁରୀ ନିଜର ଅଭିମତ ବ୍ୟକ୍ତ କରିବା ସହିତ ଏ ସମସ୍ତ ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସାମୁହିକ ଭାବେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ବହୁ କବି ଓ କବିୟତ୍ରୀମାନଙ୍କ ଦ୍ୱାରା ଏହି ଅବସରରେ କବିତା ପାଠ କରାଯାଇଥିଲା। କାହ୍ନୁ ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ

କଟକ,୧୩।୪(ପ୍ରବାହ ନ୍ୟୁଜ):ମାହାଙ୍ଗା ବ୍ଲକ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କମଲଜିତ ଦାସଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ହୋଇଥିଲା।ଆଜିର ଶୁଣାଣିରେ ସମୁଦାୟ ୧୫୦ଟି ଅଭିଯୋଗ ହସ୍ତଗତ ହୋଇଥିଲା । ତନ୍ମଧ୍ୟରୁ ୧୨୭ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୩ ଟି ସାମୁହିକ ଅଭିଯୋଗ ରହିଥିଲା। ୪୧ ଟି ଅଭିଯୋଗର ଘଟଣା ସ୍ଥଳରେ ସମାଧାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି କାଳରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିନୀତ ଅଗ୍ରୱାଲଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ଲୋକମାନଙ୍କର ଉପସ୍ଥିତିରେ ବାର୍ଦ୍ଧକ୍ୟ ଭତ୍ତା, ଶିକ୍ଷା, କୃଷି ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଏଠାରେ ସୂଚନାଯୋଗ୍ୟ ଆସନ୍ତା ୨୦ ତାରିଖରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

# ଭିଜିଲାନ୍ସ ଜାଲରେ, ଗୁଡ଼ାରି ବନ ରେଞ୍ଜ ଅଧିକାରୀ ୨.୩୩ ଲକ୍ଷ ଟଙ୍କା ଜବତ

କୋରାପୁଟ, ୧୨।୦୪ (ନି ପ୍ର) : ରାୟଗଡ଼ା ଜିଲ୍ଲା ଗୁଡ଼ାରି ବନ ରେଞ୍ଜ ଅଧିକାରୀ ସୁକୁମାର ଦୁଖୁଙ୍କୁ ଆଜି ଓଡ଼ିଶା ଭିଜିଲାନ୍ସ ଦଳ ନବରଙ୍ଗପୁରର ଇନ୍ଦ୍ରାବତୀ



ସେତୁ ନିକଟରେ ଚଢ଼ାଉ କରିଛି। ଚଢାଉରେ ତାଙ୍କ ଦଖଲରୁ ୨.୩୩ ଲକ୍ଷ ଟଙ୍କା ସନ୍ଦେହଜନକ ଅବୈଧ ନଗଦ ଉଦ୍ଧାର ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଶ୍ରୀ ଦୁଖୁ ଗୁଡ଼ାରିରୁ ନବରଙ୍ଗପୁରର ସେନାପତି ଷ୍ଟ୍ରିଟ୍ ? ସ୍ଥିତ ତାଙ୍କ ବାସଗୃହକୁ ସରକାରୀ ବୋଲେରୋ ଯାନ ପଞ୍ଜୀକୃତ ନଂ ଡଓ୧୮କ-୭୦୪୧ ରେ ଯାଉଥିଲେ। ସେହି ସମୟରେ ବିଶ୍ୱସ୍ତ ସୂଚନା ଆଧାରରେ ଭିଜିଲାନ୍ସ ଦଳ ତାଙ୍କୁ ଅଟକ କରି ତଦନ୍ତ କରିଥିଲେ। ତଦନ୍ତ ବେଳେ ଉଦ୍ଧାର ହୋଇଥିବା ଟଙ୍କା ସଂପର୍କରେ ଶ୍ରୀ ଦୁଖୁ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ସମୁଦାୟ ୨.୩୩ ଲକ୍ଷ ଟଙ୍କା ଓ ବୋଲେରୋ ଗାଡ଼ିଟି ଜବତ କରାଯାଇଛି। ଏହି ଘଟଣା ପରେ ଅସଂଗତ ସମ୍ପଦ ମାମଲାରେ ଶ୍ରୀ ଦୁଖୁଙ୍କ ସହ ସଂଶ୍ଳିଷ୍ଟ ୩ ଟି ସ୍ଥାନରେ ଏକକାଳୀନ ଭାବେ ଚଢ଼ାଉ ଜାରି ରହିଛି। ଏହି ମାମଲାରେ ଆଗକୁ ଅଧିକ ତଥ୍ୟ ମିଳିବ ବୋଲି ଜୟପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଦେଶରେ ଘରୋଇ ଏଲପିଜି ବିକ୍ରି ସ୍ୱାଭାବିକ

**ଭୁବନେଶ୍ୱର,୧୩।୪(ପିଆଇବି) :** ସାମ୍ପ୍ରତିକ ଭୂରାଜନୈତିକ ଘଟଣାକ୍ରମ ବିଶ୍ୱ ଇନ୍ଧନ ବଜାରକୁ ପ୍ରଭାବିତ କରିବା ସତ୍ତ୍ୱେ ଭାରତର ଏଲପିଜି ଯୋଗାଣ ସ୍ଥିର ରହିଛି ଏବଂ ଘରୋଇ ଏଲପିଜି ଉପଭୋକ୍ତାମାନଙ୍କୁ ସ୍ୱାଭାବିକ ଗ୍ୟାସ ବିତରଣ କରିବା ଲାଗି ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଇଛି । ଘରୋଇ ଏଲପିଜିକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି ।

ଓଡ଼ିଶାରେ ବାଧାମୁକ୍ତ ଘରୋଇ ଏଲପିଜି ଯୋଗାଣକୁ ବଜାୟ ରଖିବା ଲାଗି ଇଣ୍ଡିଆନ୍ ? ଅଏଲ୍ ? କର୍ପୋରେସନ ଲଗାତାର ପଦକ୍ଷେପ ନେଉଛି । ଦୈନିକ ପାଖାପାଖି ୪୫ ହଜାର ସିଲିଣ୍ଡର ବିତରଣ କରାଯାଉଛି । ଏହା ସଂକଟ ପୂର୍ବ ଅବଧିରେ ହେଉଥିବା ସ୍ୱାଭାବିକ ବିତରଣ ସହ ପ୍ରାୟ ସମାନ । ସିଲିଣ୍ଡର ରିଫିଲ୍ ? ବୁକିଂ ଲାଗି ଉପଭୋକ୍ତାମାନଙ୍କୁ ଏସଏମଏସ ଓ ଆଇଭିଆରଏସ ଭଳି ଡିଜିଟାଲ ପଦ୍ଧତି ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି । ବର୍ତ୍ତମାନ ପାଖାପାଖି ୮୬% ବୁକିଂ ଡିଜିଟାଲ ମାଧ୍ୟମରେ ହସ୍ତଗତ ହେଉଛି । ସିଲିଣ୍ଡରଗୁଡ଼ିକ ଡେଲିଭରି ପ୍ରମାଣୀକରଣ କୋଡ ବା ଡିଏସି ଓଟିପି ଆଧାରରେ କରାଯାଉଛି ଯାହାଫଳରେ ଅସଲି ଉପଭୋକ୍ତାଙ୍କ ନିକଟରେ ସିଲିଣ୍ଡର ପହଞ୍ଚି ପାରିବ ।


ମହା ବିଶୁବ ସଂକ୍ରାନ୍ତି ଅବସରରେ କନ୍ଧମାଳ ବାସୀ, ସମାଜସେବୀ, ବରିଷ୍ଠ ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷ, ସାମ୍ବାଦିକ, ଆଇନଜୀବୀ, ମାନ୍ୟବର ସାଂସଦ, ଫୁଲବାଣୀ ଓ ଜି ଉଦୟଗିରି ବିଧାୟକଙ୍କୁ କନ୍ଧମାଳ କ୍ଷିପ୍ରନ୍ୟାୟିକ ମଞ୍ଚ ପକ୍ଷରୁ
ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଅଛୁ ।



# ଜବାହାର ନବୋଦୟ ବିଦ୍ୟାଳୟ ନର୍ଲାର ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳିତ

**କଳାହାଣ୍ଡି,୧୩।୪(ପ୍ରବାହ ନ୍ୟୁଜ) :** ୧୩ ତାରିଖ ଏପ୍ରିଲ ୧୯୮୬ ରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ସରକାର ସମୟରେ ଦେଶର ଗ୍ରାମାଞ୍ଚଳରେ ରହୁଥିବା ଗରିବ ଛାତ୍ରଛାତ୍ରୀମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ପାଇଁ ଜବାହାର ନବୋଦୟ ବିଦ୍ୟାଳୟ ସ୍ଥାପନ କରିଥିଲେ । ତେଣୁ ଏପ୍ରିଲ ୧୩ ତାରିଖକୁ 'ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ଦିବସ' ଭାବରେ ପାଳନ କରାଯାଏ । ସମଗ୍ର ଭାରତର ବିଭିନ୍ନ ଜିଲ୍ଲାର ଛାତ୍ରଛାତ୍ରୀମାନେ ପାଠପଢି ଦେଶ ବିଦେଶରେ ବଡ ବଡ ସରକାରୀ ଓ ବେସରକାରୀ ଚାକିରୀ କରିବା ସହିତ ବିଜନେସ୍, ସାମାଜିକ, ରାଜନୈତିକ, କ୍ରୀଡା ଓ ବିଭିନ୍ନ କ୍ଷେତ୍ରରେ ନିଜର ନାମ ଅର୍ଜନ କରିପାରିଛନ୍ତି । ଏହି ଅବସରରେ କଳାହାଣ୍ଡି ଜିଲ୍ଲାରେ ଥିବା ଜବାହାର ନବୋଦୟ ବିଦ୍ୟାଳୟ ନର୍ଲାର ପୁରାତନ ଛାତ୍ରଛାତ୍ରୀମାନଙ୍କ ସଭାପତି ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଭବାନିପାଟଣା ସହର ସ୍ଥିତ ନୂଆ ବସଷ୍ଟାଣ୍ଡ ସମ୍ମୁଖରେ ଦହି ପଣା ବଣ୍ଟନ କରି ପ୍ରତିଷ୍ଠା ଦିବସ ପାଳନ କରିଥିଲେ । କଳାହାଣ୍ଡି ନବମ ବାଟାଲିଅନର କମାଣ୍ଡାଣ୍ଟ୍ ତଥା ଅନୁଗୁଳ ଜିଲ୍ଲା ନବୋଦୟ ବିଦ୍ୟାଳୟର ପୁରାତନ ଛାତ୍ର ଶ୍ରୀ ଜିତେନ୍ଦ୍ର କୁମାର ଦେହୁରୀ, ନର୍ଲା ବିଦ୍ୟାଳୟର ପୁର୍ବତନ ସଭାପତି ଶିବରଞ୍ଜନ ଶତପଥୀ, ଚିନ୍ମୟ କେୟାର କ୍ଲବର ସଭାପତି ଚିତରଞ୍ଜନ ଶତପଥୀ ତଥା ଲକ୍ଷ୍ମୀନାରାୟଣ ପଣ୍ଡା ଦହି ପଣା ବାଣ୍ଟି ଶୁଭାରମ୍ଭ କରିଥିଲେ । ଭିଷଣ ଗରମରେ ସହରର ହଜାର ହଜାର ଲୋକ ପଣାର ଉପଭୋଗ କରିଥିଲେ । ଏଥିରେ ପ୍ରଦୀପ ହରପାଲ, ମନୋଜ କୁମାର ଦୂର୍ଗା, ସ୍ୱାଗତ ସାହୁ, ଆନନ୍ଦ ନାଏକ, ଅଜିତ କୁମାର ସାହୁ, ସଞ୍ଜୟ ନାଗ, ସ୍ନିଗ୍ଧାରାଣୀ ସିଂ, ତ୍ରିଲୋକ୍ୟ ହରପାଲ, ନକୁଳ ମାଝୀ, ଦୀପକ କୁମାର ବାଗ, ସିଦ୍ଧାର୍ଥ ନାଏକ, ହେମନ୍ତ ଦୂର୍ଗା, ଜସବୀର କୁମାର, ଭବାନୀଶଙ୍କର ପଣ୍ଡା, ଖଗେଶ୍ୱର ଭୋଇ, ହେମନ୍ତ ମାଝୀ, କେଦାରନାଥ ଖମାରୀ, ଭବାନୀ ବାଗ, କାର୍ତ୍ତିକ ସୁନା, ଦିପ୍ତୀରାଣୀ ବାରିକ, ପ୍ରେମରଞ୍ଜନ ନାଏକ, ଅଜୟ କୁମାର ସାହୁ, ବିମଳ କିଶୋର ନାଏକ,କୁବେର ପାତ୍ର, ଅକ୍ଷୟ ମାଝୀଙ୍କ ସହିତ ୫୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ସାମିଲ ଥିଲେ । ଭବାନିପାଟଣା ଓଏଭି ପ୍ରିନ୍ସିପାଲ୍ ଶଶାଙ୍କ ଶେଖର ଚୌଧୁରୀ, ବଲାଙ୍ଗିର ଜିଲ୍ଲା ନବୋଦୟର ପୁରାତନ ଛାତ୍ର ସୌଦାଗର ସୁନା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ଶ୍ରୀ ଶରତ ଚନ୍ଦ୍ର ନାୟକ, ପ୍ରସନ୍ନ ପଟ୍ଟନାୟକ, ସମାଜସେବୀ ରୋହିତ ଦୂର୍ଗା, ମୁଇଁ କଳାହାଣ୍ଡିଆ ଫର୍ କଳାହାଣ୍ଡି ସଂଗଠନର ଏଡଭୋକେଟ୍ କ୍ଷୀରୋଦ ନାଗ, ଦିଲିପ କୁମାର ଦାସ, ବାବୁଲା ନାଗ ମଧ୍ୟ ଆସି ପଣା ବଣ୍ଟନରେ ସହଯୋଗ କରିଥିଲେ ।




## ବିନା ଅନୁମତିରେ ବୁଦା ଜଙ୍ଗଲ କିସମ ଓ ନାଳ କିସମରୁ

# ଚାଲିଛି ମାଟି ଖୋଳା, ବଢୁଛି ଜନଅସନ୍ତୋଷ

**ଚିକିଟି,୧୩।୪(ପ୍ରବାହ ନ୍ୟୁଜ) :** ଚିକିଟି ବିଜ୍ଞାପିତ ଅଞ୍ଚଳ ଅଧୀନ ଚିକିଟି ପେଣ୍ଠ ପଦ୍ମ ନଗର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ନିକଟରେ କ୍ରୟ କରିଥିବା ଖାତା ନମ୍ବର: ୧୭୯/୪୧୮୯ ଏକ ବିବାଦୀୟ ଜମିକୁ ନେଇ ସଙ୍ଗୀନ ଅଭିଯୋଗ ଆସିଛି, ଶିଶୁ ମନ୍ଦିର ବେଆଇନ ଭାବେ ଦଶ ଗୁଣା ଚଢା ଦରରେ କିଣିଥିବା ବୁଦା ଜଙ୍ଗଲ ଓ ନାଳ କିସମ ଜମିକୁ ସମତୁଲ କରିବା ପାଇଁ ବେଆଇନ ଭାବେ ଜେସିବି ଲଗାଇ ଟ୍ରାକ୍ଟର ଦ୍ୱାରା ମାଟି ଆଣି ପକାଯାଉଛି ।



ସରକାରୀ ନିୟମାନୁସାରେ ୬ ଇଞ୍ଚ ମାଟି ଖୋଳା ଯାଏ ତହସିଲଦାର ଅନୁମତି ଆବଶ୍ୟକ । ତାଠାରୁ ଅଧିକ ହେଲେ ଉପଜିଲ୍ଲାପାଳ କିମ୍ବା ଜିଲ୍ଲାପାଳଙ୍କ ଅନୁମତି ଆଣିବା କଥା କିନ୍ତୁ କୌଣସି ଅନୁମତି ନଥାଇ ଶିଶୁ ମନ୍ଦିର କର୍ତ୍ତୃପକ୍ଷ ବେଆଇନ ଭାବେ ମାଟି ଖୋଳି ସମତୁଲ କରୁଛି ଯାହା ଚିକିଟି ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ରାଜସ୍ୱ ବିଭାଗ, ଖଣି ବିଭାଗ ଓ ପ୍ରଶାସନର ଭୂମିକା ଉପରେ ପ୍ରଶ୍ନ ଉଠୁଛି । ଜମିର କିସମ ପରିବର୍ତ୍ତନ ହୋଇନଥିବା ସତ୍ତ୍ୱେ ତହସିଲ ପ୍ରଶାସନଙ୍କ ଜାଣତରେ ସେଠାରେ ମାଟି ପକାଇବା ଘଟଣା କେବଳ ଆଇନର ଉଲ୍ଲଂଘନ ନୁହେଁ, ବରଂ ପ୍ରଶାସନିକ ଅବହେଳା କିମ୍ବା ଷଡ଼ଯନ୍ତ୍ରକୁ ସ୍ପଷ୍ଟ ସଙ୍କେତ ।

ରାଜସ୍ୱ ଆଇନ ଅନୁଯାୟୀ, କୌଣସି ଜମିର କିସମ ପରିବର୍ତ୍ତନ ବିନା ସେଥିରେ ମାଟି ପକାଇବା କିମ୍ବା ଭୂମିକୁ ସମତଳ କରିବା ସଂପୂର୍ଣ୍ଣ ଅବୈଧ । ଏହି ବେଆଇନ କାର୍ଯ୍ୟ କାହା ଛତ୍ରଛାୟା ତଳେ ଚାଲିଛି । ତାହା ସମସ୍ତଙ୍କ ମନକୁ ଆନ୍ଦୋଳିତ କରିଛି । ସାଧାରଣ ଲୋକ ଯଦି ଏମିତି କାର୍ଯ୍ୟ କରନ୍ତି, ତେବେ ତାଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେଉଛି ; କିନ୍ତୁ ଏଠାରେ ପ୍ରଶାସନ ନିର୍ବାକ ଦର୍ଶକ କାହିଁକି ? ବୋଲି ପ୍ରଶ୍ନ ଉଠିଛି । ଏହା କେବଳ ଏକ ଜମି ବିବାଦ ନୁହେଁ ଏହା ସରକାରୀ ବ୍ୟବସ୍ଥାର ବିଶ୍ୱସନୀୟତା ଉପରେ ଏକ ଆଘାତ । ଏବେ ଆବଶ୍ୟକ, ଏହି ଘଟଣାର ନିଷ୍ପକ୍ଷ ତଦନ୍ତ ହେଉ ଓ ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯାଉ ।

ନହେଲେ, ଏପରି ଘଟଣା ସମାଜରେ ଏକ ଖରାପ ସନ୍ଦେଶ ଦେବ, ଆଇନ ସମସ୍ତଙ୍କ ପାଇଁ ସମାନ । ଏନେଇ ଶିଶୁ ମନ୍ଦିର କର୍ତ୍ତୃପକ୍ଷ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିବା ବେଳେ ରବିବାର ଚୁଟି ଦିନ ଥିବାରୁ ତହସିଲଦାର କିମ୍ବା ଜିଲା ଖଣି ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

# ଗୋବିନ୍ଦ ବନଛୋର ହେଲେ ସଚେତନ ନାଗରିକ ମଞ୍ଚ କେସିଙ୍ଗାର ନୂତନ ସଭାପତି

**କଳାହାଣ୍ଡି ,୧୩।୪(ପ୍ରବାହ ନ୍ୟୁଜ) :** କଳାହାଣ୍ଡି ଜିଲ୍ଲା ଅଗ୍ରଣୀ ସାମାଜିକ ସଂଘ ସଚେତନ ନାଗରିକ ମଞ୍ଚ କେସିଙ୍ଗାର ନୂତନ ସଭାପତି ଭାବେ ପୂର୍ବତନ କେସିଙ୍ଗା ଏନଏସି ଉପାଧ୍ୟକ୍ଷ ଗୋବିନ୍ଦ ବନଛୋର ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି । ଏନେଇ ଆଜି କେସିଙ୍ଗା ଆରଏମସି ଠାରେ ପୂର୍ବତନ ସଭାପତି ଚିତ୍ତ ରଞ୍ଜନ ଭୋଇଙ୍କ ସଭାପତିତ୍ୱ ସାଧାରଣ ବୈଠକରେ ଶ୍ରୀ ବନଛୋରଙ୍କୁ ଆଗାମୀ ଦୁଇ ବର୍ଷ ପାଇଁ ସଚେତନ ନାଗରିକ ମଞ୍ଚର ସଭାପତି ଭାବେ ଗୁରୁଦାୟିତ୍ୱ ଦିଆଯାଇଛି । ଏବଂ ତାଙ୍କର ସହମତି ଅନୁଯାଇ ଆଗାମୀ ଦିନରେ ସଚେତନ ନାଗରିକ ମଞ୍ଚ କେସିଙ୍ଗାର ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ପ୍ରକାଶ ଥାଉକି ଗତ ୨୦୧୬ ମସିହାରେ ଗଠିତ ଏହି ସଂଗଠନ କେସିଙ୍ଗା ଅଞ୍ଚଳର ସାମଗ୍ରିକ ବିକାଶରେ ଅନେକ ଜନହିତକର କାର୍ଯ୍ୟ ପାଇଁ ଅନବରତ ଭାବେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି ଓ ସେଥିରେ କିଛି ସଫଳତା ପାଇଥିବା ବେଳେ କିଛି କାର୍ଯରେ ଅସଫଳ ମଧ୍ୟ ହୋଇଛନ୍ତି ହେଲେ ଅନବରତ ଭାବେ ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ କରିଚାଲିଛନ୍ତି ।

ନୂତନ ସଭାପତି ଗୋବିନ୍ଦ ବନଛୋର ତାଙ୍କର ପ୍ରତିକ୍ରିୟାରେ ଆଗାମୀ ଦିନରେ ସଚେତନ ନାଗରିକ ମଞ୍ଚ ଅଞ୍ଚଳର ବିକାଶରେ ସାରଥୀ ହୋଇ ଠିଆ ହେବ ଓ ପୂର୍ବ ଭଳି ସଂଗଠନକୁ ମଜବୁତ କରିବା ପାଇଁ ଆମେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକଙ୍କୁ ସଂଗଠିତ କରି କେସିଙ୍ଗା ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ କରିବୁ ବୋଲି ସେ ନିଜ ପ୍ରତିକ୍ରିୟା ରଖିଥିଲେ । ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାମଲାଲ ସୁନାନୀ, ସନ୍ତୋଷ ସାହୁ ପୂର୍ବତନ ଏନଏସି ଅଧ୍ୟକ୍ଷ ରାମଜୀ ମାତଖଣ୍ଡିଆ, ସରିତା ସିନ୍ଧୁର,ପୂର୍ବତନ ସଭାପତି ଉତ୍ତର ମହଲା,ରମେଶ ପଟ୍ଟନାୟକ, ରଘୁରାଜ ସିଂ, କୃଷ୍ଣ ଚନ୍ଦ୍ର ସାହୁ,ପଙ୍କଜ ଗଉଡ଼,ନିକିତା ଜୈନ, ରଞ୍ଜନ ବେହେରା, ସଂଜୀବ ବେନାର୍ଜୀ,ନୀଳ ମହଲା, ଚମ୍ପକ ସାହା, ରିସବ ଜୈନ ପ୍ରମୁଖଙ୍କ ସହ ବହୁ ସଂଖ୍ୟା ରେ ସଚେତନ ନାଗରିକ ମଞ୍ଚ କେସିଙ୍ଗାର ସଦସ୍ୟ ଉପସ୍ଥିତ ଥିଲେ ।



## ଜିଲ୍ଲା ଶିକ୍ଷାଧିକାରୀଙ୍କ ଶିକ୍ଷକ ବଦଳି କାଗଜରେ ସୀମିତ

# ବିଇଓଙ୍କ କାର୍ଯ୍ୟ ଦକ୍ଷତା ଉପରେ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ

**ଚିକିଟି,୧୩।୪(ପ୍ରବାହ ନ୍ୟୁଜ) :** ଗଞ୍ଜାମ ଜିଲ୍ଲା ଶିକ୍ଷା ପ୍ରଶାସନ ତରଫରୁ ପତ୍ର ସଂଖ୍ୟା: ୨୦୧୯୪, ଅକ୍ଟୋବର ୧୩ ତାରିଖ ୨୦୨୫ ମସିହାରେ ଚିକିଟି ବ୍ଲକ ଶିକ୍ଷାଧିକାରୀଙ୍କ ନିୟନ୍ତ୍ରଣାଧୀନ ସରକାରୀ ବିଦ୍ୟାଳୟର କିଛି ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ବଦଳି ଆଦେଶ ପ୍ରଦାନ କରିଥିଲେ । ସେହି ବଦଳି ଆଦେଶକୁ, ନିୟମ ଓ ପ୍ରକ୍ରିୟା ଅନୁଯାୟୀ ତୁରନ୍ତ କାର୍ଯ୍ୟକାରୀ ହେବା କଥା, ସେହି ଆଦେଶ ଆଜି ପର୍ଯ୍ୟନ୍ତ ତୃଣମୂଳସ୍ତରରେ ଅଦୃଶ୍ୟ ହୋଇଯାଇଛି । ଏହା କେବଳ ଅବହେଳା ନୁହେଁ, ବରଂ ପ୍ରଶାସନିକ ଦୃଢତାର ଅଭାବର ସ୍ପଷ୍ଟ ପ୍ରମାଣ । ପ୍ରଶ୍ନ ହେଉଛି, ଯେତେବେଳେ ଜିଲ୍ଲାସ୍ତରରେ ବଦଳି କମିଟି ନିଷ୍ପତ୍ତି ନେଉଛି ଓ ଜିଲ୍ଲା ଶିକ୍ଷାଧିକାରୀ ଆଦେଶ ଜାରି କରୁଛନ୍ତି, ସେହି ଆଦେଶକୁ କାର୍ଯ୍ୟକାରୀ କରିବାରେ କିଏ ବାଧା ଦେଉଛି ? କିଏ ସେହି ଶକ୍ତି, ଯାହା ନିୟମକୁ ଅପମାନ କରି ପ୍ରଶାସନକୁ ନିଜ ଇଚ୍ଛାନୁସାରେ ଚଲାଉଛି ? ଏହା ଏକ ସାଧାରଣ ବିଳମ୍ବ ନୁହେଁ । ଏହା ଶିକ୍ଷା ବ୍ୟବସ୍ଥାରେ ଚାଲୁଥିବା ଗଭୀର ଅନିୟମର ଚିହ୍ନ । ବାହାରେ ଚର୍ଚ୍ଚା ହେଉଛି କେତେକ ଶିକ୍ଷକଙ୍କୁ ସୁବିଧା ଦେବା ପାଇଁ ବଦଳି ପ୍ରକ୍ରିୟାକୁ ଜଣାଶୁଣା ଭାବେ ଅଟକାଇ ରଖାଯାଉଛି, ଯଦି ଅଭିଯୋଗ ସତ୍ୟ ହୁଏ, ତେବେ ଏହା ପ୍ରଶାସନିକ ନୀତି ଓ ନ୍ୟାୟ ପ୍ରତି ସଂପୂର୍ଣ୍ଣ ଅବମାନ । ଏହି ଅବସ୍ଥାରେ ସବୁଠାରୁ ବଡ଼ ହାନି ହେଉଛି ଶିକ୍ଷାର । ଯେଉଁଠାରେ ଶିକ୍ଷକ ଦରକାର, ସେଠାରେ ଶୂନ୍ୟ; ଯେଉଁଠାରେ ନାହିଁ ଦରକାର, ସେଠାରେ ଅଧିକ । ଏହି

**ଜିଲ୍ଲା ଶିକ୍ଷାଧିକାରୀ ଆଦେଶ ଜାରି କରୁଛନ୍ତି । ସେହି ଆଦେଶକୁ କାର୍ଯ୍ୟକାରୀ ହେଉନି । ଏକ ଅଦୃଶ୍ୟ ଶକ୍ତି କାର୍ଯ୍ୟ କରୁଛି । ଫଳରେ ନିୟମକୁ ନମାନି ପ୍ରଶାସନକୁ ନିଜ ଇଚ୍ଛାନୁସାରେ ଚଲାଉଛି ।**

ଅସମତୁଳନ କାହାର ଦାୟିତ୍ୱ ? ଏହା ପାଇଁ କିଏ ଜବାବ ଦେବ ? ଏହାର ପରିଣାମ ଭୋଗୁଛନ୍ତି ସାଧାରଣ ଛାତ୍ରଛାତ୍ରୀ । ଯେଉଁଠାରେ ଶିକ୍ଷକ ଆବଶ୍ୟକ, ସେଠାରେ ଶୂନ୍ୟସ୍ଥାନ ରହିଯାଉଛି; ଯେଉଁଠାରେ ଅଧିକ ଅଛନ୍ତି, ସେଠାରେ ଅସମତୁଳନ । ଏହି ପରିସ୍ଥିତିରେ ଶିକ୍ଷାର ଗୁଣୋତ୍ତର ରକ୍ଷା କରିବାର ସମ୍ପୂର୍ଣ୍ଣ ଦାୟିତ୍ୱ ଚିକିଟି ବ୍ଲକ ଶିକ୍ଷାଧିକାରୀ । ଏହି ସମସ୍ତ ବିଷୟ ଅବଗତ ଥାଇ ମଧ୍ୟ ଚିକିଟି ବ୍ଲକ ଶିକ୍ଷାଧିକାରୀ ନୀରବତା ନିଜର ଅକ୍ଷମତା କିମ୍ବା ଅନ୍ୟ କାହା ଦ୍ୱାରା ପରିଚାଳିତ ହେଉଥିବା ସନ୍ଦେହ ସୃଷ୍ଟି କରୁଛି । ଚିକିଟି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅବସରପ୍ରାପ୍ତ ବରିଷ୍ଠ କିରାଣୀ ଓ ଅନ୍ୟ ଜଣେ ଡାଟା ଏଣ୍ଟ୍ରି ଅପରେଟର୍ ଦ୍ୱାରା ପରିଚାଳିତ ହେଉଥିବା ଅଞ୍ଚଳରେ ଗୁଞ୍ଜରଣ ହେଉଛି । ଚିକିଟି ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ ଅଧିନସ୍ତ ଶତପ୍ରତିଶତ ବିଦ୍ୟାଳୟ ମାନଙ୍କରେ ବହୁ ବର୍ଷ ଧରି ରହିଥିବା ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କର ତାଲିକା ପ୍ରସ୍ତୁତ କରି ଶିକ୍ଷାବର୍ଷ ଆରମ୍ଭରୁ ସେମାନଙ୍କୁ ଅନ୍ୟତ୍ର ବଦଳି କରିବାକୁ ସାଧାରଣରେ ଦାବି ହେଉଛି ।

# ଆଜାଦ ହିନ୍ଦ ବାହିନୀର ଚାରିଦିନିଆ କର୍ମଶାଳା

**ଭୁବନେଶ୍ୱର,(ପ୍ରବାହ ନ୍ୟୁଜ) :** ଆଜାଦ ହିନ୍ଦ ବାହିନୀ ପକ୍ଷରୁ ଆୟୋଜିତ ଚାରି ଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ରବିବାର ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ବରିଷ୍ଠ ସ୍ତମ୍ଭକାର ତୁଷାର କାନ୍ତ ଶତପଥୀ, ବରିଷ୍ଠ ସାମ୍ବାଦିକ ତଥା କବି କେଦାର ମିଶ୍ର, ଏବଂ ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ପାତ୍ର, ଫରୱାର୍ଡ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପ୍ରମୁଖ ନେତାଜୀଙ୍କ ଜୀବନୀ ଓ ତାଙ୍କ ସଂଗ୍ରାମୀ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । କର୍ମଶାଳାରେ ସଭାପତିତ୍ୱ କରି ଆଜାଦ ହିନ୍ଦ ବାହିନୀର ଜାତୀୟ ସଂଯୋଜକ ଜ୍ୟୋତି ରଞ୍ଜନ ମହାପାତ୍ର ଅଭିଭାଷଣରେ ରାଜ୍ୟ ଓ ଦେଶର ସମ୍ପଦ କର୍ପୋରେଟ ନିୟନ୍ତ୍ରଣ ଚାଲିଯିବାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ । ଓଡ଼ିଶାର ମୂଲ୍ୟବାନ ପ୍ରକୃତିକ ସମ୍ପଦ ଓ ଜଳ, ଜମି ଏବଂ ଜଙ୍ଗଲ ଆଜି ବଡ଼ ବଡ଼ ବେପାରୀଙ୍କ ହାତକୁ ଚାଲିଯାଉଛି । ଦେଶର ସମ୍ପଦ ଯେତେବେଳେ ପୁଞ୍ଜିପତିଙ୍କ ହାତକୁ ଚାଲିଯାଏ, ସେତେବେଳେ ସାଧାରଣ ଜନତାଙ୍କ ମୁକ୍ତି ପାଇଁ ସୁଭାଷବାଦୀ ବିଚାରଧାରାରେ ସଂଗ୍ରାମ ହିଁ ଏକମାତ୍ର ରାସ୍ତା ବୋଲି ପ୍ରକାଶ କରିବା ସହ ଆମ ସମ୍ପଦର ସୁରକ୍ଷା ପାଇଁ ଶକ୍ତିଶାଳୀ ଜନଆନ୍ଦୋଳନ ଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ ।

# କେନାଲ କଡ଼ରେ ପଡ଼ିଛି ନରକଙ୍କାଳ

**କଟକ,୧୩।୪(ପ୍ରବାହ ନ୍ୟୁଜ) :** କେନାଲ କଡ଼ରେ ପଡିଛି ଅଧା ପୋଡ଼ା ନରକଙ୍କାଳ । ବାରଙ୍ଗ ଷଣ୍ଢପୁର ନିକଟ ପୁରୀ ମୁଖ୍ୟ କେନାଲ କଡରେ ପଡିଛି ଅଧାପୋଡ଼ା ହାଡ଼ କଙ୍କାଳ । ନାଳକୁ ଗାଧୋଇବାକୁ ଯିବା ସମୟରେ ସ୍ଥାନୀୟ ଲୋକ ଦେଖିଥିଲେ । ଘଟଣାସ୍ଥଳରେ ବାରଙ୍ଗ ଥାନା ପୋଲିସ ପହଞ୍ଚି ତଦନ୍ତ କରୁଛି । ବାରଙ୍ଗ ଥାନା ଷଣ୍ଢପୁର ନିକଟ ପୁରୀ ମୁଖ୍ୟ କେନାଲ କଡ଼ରେ ପଡିଛି ଅଧା ପୋଡ଼ା ନରକଙ୍କାଳ । କିଛି ପୋଡ଼ିଯାଇଥିବା ବେଳେ କିଛି ଅଧା ପୋଡ଼ା ଅବସ୍ଥାରେ ଅଛି । କେହି କଙ୍କାଳକୁ ଆଣି କେନାଲ କଡ଼ରେ ପୋଡିଥିବା ଅନୁମାନ କରାଯାଉଛି । ଏକ ଜରିରେ ବାନ୍ଧାଯାଇ ତାରରେ ଗୁଡ଼ାଯାଇଛି ।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ପାରାଦୀପ ଷ୍ଟେସନ ନିରୀକ୍ଷଣ

**ଭୁବନେଶ୍ୱର,୧୩।୪(ପ୍ରବାହ ନ୍ୟୁଜ) :** ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଶନିବାର ଦିନ ପାରାଦୀପ ୟାର୍ଡ, ଷ୍ଟେସନ ଏବଂ ଆରଓଏଚ (ରୁଟିନ୍ ଓଭରହଲ୍) ଡିପୋର ଏକ ବ୍ୟାପକ ଯାଂଚ କରିଥିଲେ । ମଞ୍ଚେଶ୍ୱରରୁ ପାରାଦୀପ ସେକ୍ସନ ପର୍ଯ୍ୟନ୍ତ ଯାଂଚ କରାଯିବା ସହିତ, ପାରାଦୀପ ଏବଂ ଏହାର ଆଖପାଖ ଅଂଚଳରେ ରେଳ ଭିତିଭୂମି ଏବଂ କାର୍ଯ୍ୟକ୍ଷମ ସୁବିଧାଗୁଡ଼ିକର ବିସ୍ତୃତ ସମୀକ୍ଷା ଏହି ଯାଞ୍ଚ ସମୟରେ କରାଯାଇଥିଲା । ଏକ ଗୁରୁତ୍ୱପୂର୍ଣ୍ଣ ପଣ୍ୟ ପରିବହନ କେନ୍ଦ୍ର ଭାବରେ ପାରାଦୀପ ବନ୍ଦରର ଗୁରୁତ୍ୱକୁ ଦୃଷ୍ଟିରେ ରଖି, ଏହି ଗସ୍ତ ମୁଖ୍ୟତଃ ବନ୍ଦର ଲଜିଷ୍ଟିକ୍ସ ସହିତ ଜଡିତ ରେଳ ପରିଚାଳନାର ଦକ୍ଷତା, ସୁରକ୍ଷା ଏବଂ କ୍ଷମତା ବୃଦ୍ଧି ଉପରେ ଧ୍ୟାନ ଦିଆଯାଇଥିଲା ।

# କାର୍ଯ୍ୟକ୍ଷମ ହେଲା ଛତ୍ରପୁର ସହର ପୌରପାଳିକା

**ଛତ୍ରପୁର,୧୩।୪(ପ୍ରବାହ ନ୍ୟୁଜ) :** ବହୁ ପ୍ରତୀକ୍ଷିତ ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁର ସହର ପୌରପାଳିକା ଭାବେ କାର୍ଯ୍ୟକାରୀ ହୋଇଛି । ୧୯୫୫ ମସିହାରେ ପ୍ରତିଷ୍ଠିତ ହୋଇଥିବା ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧିସୂଚୀତ କ୍ଷେତ୍ର ଖୁବ୍ ସୀମିତ ଅଞ୍ଚଳ ମଧ୍ୟରେଥିଲା । ପ୍ରାୟତଃ ୧୦ ହଜାର ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳକୁ ନେଇ ଛତ୍ରପୁର ଏନ୍.ଏ.ସି. ଗଠିତ ହୋଇଥିଲା ବୋଲି କୁହାଯାଏ ।

ପ୍ରକାଶ ଥାଉକି, ୨୦୧୧ ଜନଗଣନା ଅନୁଯାୟୀ ପୁରୁଷ ସଂଖ୍ୟା- ୧୧ ହଜାର ଶହେ, ଏବଂ ମହିଳା ସଂଖ୍ୟା- ୧୦ ହଜାର ୯୨୭ ଏହିପରି ଛତ୍ରପୁର ସହର ର ୨୦୧୧ ଜନଗଣନା ଅନୁସାରେ ଏହି ସହର ର ମୋଟ ଜନସଂଖ୍ୟା ୨୨ହଜାର ୨୭ ହୋଇଥିଲା । କାଳକ୍ରମେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଏବଂ ବର୍ଦ୍ଧିତ ଜନବସତି କୁ ନେଇ ଛତ୍ରପୁର ସହର ର ବହୁ ଗଣ୍ୟମାନ୍ୟ ବ୍ୟକ୍ତି, ବୁଦ୍ଧିଜିବୀ ମହଲରେ ଏହାକୁ ମ୍ୟୁନିସିପାଲଟୀ ଭାବେ ପରିଗଣିତ କରିବାକୁ ବହୁବର୍ଷ ହେଲା ଦାବୀ ହୋଇ ଆସୁଥିଲା । ନିକଟ ପରିସରରେ ଥିବା ଛତ୍ରପୁର ଏନ୍.ଏ.ସି. ପରିସୀମା କୁ ଲାଗି ଗଢ଼ି ଉଠିଥିବା ଅଞ୍ଚଳକୁ ମିଶାଇ ମ୍ୟୁନିସିପାଲଟୀ ଗଠନ କରିବାକୁ ବହୁବାର ଦାବୀ ହୋଇଆସୁଥିଲା । ମାନ୍ୟବର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ର ଉଦ୍ୟମ ଓ ତତ୍ପରତା ଦେଖାଇ ଚିନ୍ତାପ୍ରକଟ କରିଥିଲେ । ଗଞ୍ଜାମ ଜିଲ୍ଲାରେ ଛତ୍ରପୁର ସହର ଦ୍ୱିତୀୟ ମ୍ୟୁନିସିପାଲଟୀ ଭାବେ ଗଠନ କରିବା ପାଇଁ ଗୋପାଳପୁର ବନ୍ଦର, ଆଇ.ଆ.ରଇ.ଏଲ. (ଇଣ୍ଡିଆ) ଆଦି ବୃହତ ଶିଳ୍ପାୟନ କ୍ଷେତ୍ରରେ ଉନ୍ନତି ଆଣିବା ଦିଗରେ ବିଜୁ ବାବୁ ଚିନ୍ତା କରିଥିଲେ । ସ୍ଥାନୀୟ ଗ୍ରାମାଞ୍ଚଳର ପ୍ରତିନିଧି ମଣ୍ଡଳୀଙ୍କ ନେତୃତ୍ୱରେ ଯାହାକି କିଛି ନ୍ୟସ୍ତସ୍ୱାର୍ଥପର ବ୍ୟକ୍ତି ବିଶେଷ୍ୟ ମଣିଷ ପଣିଆ ଦେଖାଇ ଛତ୍ରପୁର ସହର କୁ ପରିବର୍ଦ୍ଧିତ ରୂପକ ପୌରପାଳିକାରେ ପ୍ରମୁଖ ଅଞ୍ଚଳ ସାମିଲ୍ କରାଯିବା କୁ ସେମାନେ ବିରୋଧ କରି ଆସୁଥିଲେ । ସେଥିପାଇଁ ଅଦ୍ୟାବଧି ଏହା ମ୍ୟୁନିସିପାଲଟୀ ଭାବେ କାର୍ଯ୍ୟକାରୀ ହୋଇ ପାରୁ ନଥିଲା । ବହୁ ବିଳମ୍ବରେ ହେଲେ ମଧ ଆଜି ପୌରପାଳିକା ବା ମ୍ୟୁନିସିପାଲଟୀ ଭାବେ




ଗଠନ ହେବାର ସମ୍ଭବ ହୋଇ ପାରିଲା । ଏହା ଯେ' ଛତ୍ରପୁରବାସୀଙ୍କ ବହୁଦିନର ସ୍ୱପ୍ନ ସାର୍ଥକ ହେଲା ବୋଲି କୁହାଯାଏ ।

ସୂଚନାଯୋଗ୍ୟ, ରାଜ୍ୟସରକାରଙ୍କ ନଗର ଉନ୍ନୟନ ବିଭାଗ ଓଡ଼ିଶା ମ୍ୟୁନିସିପାଲିଟୀ ଆକ୍ଟ, ୧୯୫୦ ଅନୁଯାୟୀ ଶାସନ ଦକ୍ଷତାକୁ ବୃଦ୍ଧି କରି ସଦର ମହକୁମା ଛତ୍ରପୁର ସଦର ଦପ୍ତରାଞ୍ଚଳ କୁ ବାଣିଜ୍ୟ, ପରିବହନ, ଅର୍ଥନୈତିକ ବିକାଶ ଦିଗରେ ଅଗ୍ରସରମୁଖୀ ଆଣିବା ପାଇଁ ରାଜ୍ୟସରକାର ପ୍ରୟାସ ଜାରୀ ରଖିଥିଲେ । ଏହା ସାଂଗକୁ ଏହି ସହରକୁ ଶିଳ୍ପାୟନ କ୍ଷେତ୍ରରେ ଜଡ଼ିତ କରି ଉଲ୍ଲେଖନୀୟ ସଫଳତା ଆଣିବା ଦିଗରେ ରାଜ୍ୟସରକାର ଙ୍କ ନଗର ଉନ୍ନୟନ ବିଭାଗ ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି । ଯାହା ୨୦୨୬ ମସିହା ଅପ୍ରିଲ ମାସ ର ପ୍ରଥମ ସପ୍ତାହରେ ଛତ୍ରପୁର ଏନ୍ଏସିକୁ ମ୍ୟୁନିସିପାଲିଟୀ ରୂପେ ରୂପାନ୍ତରୀତ କରିଛନ୍ତି ।

ସରକାରୀ ଭାବେ ନବୀକରଣ କରାଯାଇ ଛତ୍ରପୁର ସହର ପୌରପାଳିକା ଅନ୍ତର୍ଗତ ୫ ଟି ପଞ୍ଚାୟତ କୁ ନେଇ ୧୪ ଟି ୱାର୍ଡରୁ ୩୬ ଟି ୱାର୍ଡ କୁ ବୃଦ୍ଧି କରାଯାଇଛି । ୫ ଟି ପଞ୍ଚାୟତ ଯଥା ପୂର୍ବ ଦିଗରେ ଋଷିକୁଲ୍ୟା ନଦୀଘାଟ ଠାରୁ ସନ୍ତୋଷୀ ମା' ମନ୍ଦିର, ଅର୍ଥାତ୍ ଅଗସ୍ତି ନୂଆଗାଁ ପଞ୍ଚାୟତର ଗ୍ରାମ ସମୂହ, ପଶ୍ଚିମରେ ରେଳ ଷ୍ଟେସନ ଫାଟକ,ବାଲିବଗଡ ଗ୍ରାମ, ଉତ୍ତର ଅକ୍ଷାଂଶ କୋଣ ଚିକଲଖଣ୍ଡି ପଞ୍ଚାୟତର ଗ୍ରାମ ସମୂହ, ଦକ୍ଷିଣ ଦିଗରେ ଆର୍ଯ୍ୟପଲ୍ଲୀ ଓ କଣମଣା ପଞ୍ଚାୟତର ଗ୍ରାମ ସମୂହ, ଦକ୍ଷିଣ-ପୂର୍ବ କୋଣରେ ଗଭୀରମଥା ପାଟ, ତାମ୍ପରା, ଦକ୍ଷିଣରେ ତରେଇପାଟପୁର ଗ୍ରାମ ଜେଲ୍ ରୋଡ଼, ପ୍ରତିଷ୍ଠିତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଇରୋ-ସ୍କୁଲ୍, କାରମେଲ୍ କନଭେଣ୍ଟ ସ୍କୁଲ୍ , ଦକ୍ଷିଣ-ପଶ୍ଚିମ ଦିଗରେ ମା' ଉଜ୍ଜ୍ୱଳେଶ୍ୱରୀ ମନ୍ଦିର ଓ ବ୍ରହ୍ମପୁର ସହର ଅଭିମୁଖେ ଯାଇଥିବା ରେଲୱେ ଓଭର ବ୍ରିଜ୍ ଏହାର ସୀମା ନିର୍ଦ୍ଧାରଣ ରେଖାରେ ରହିଛି । ଏହି ଅଧିସୂଚୀତ ପରିବର୍ଦ୍ଧିତ ଅଞ୍ଚଳ ସମୂହ ରହିଛି, ଯାହା ସମ୍ପୃକ୍ତ ନୂତନ ଜନଗଣନା ରିପୋର୍ଟ ଅନୁଯାୟୀ ପ୍ରାୟତଃ ୪୫ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳକୁ ନେଇ ଆଗକୁ ଛତ୍ରପୁର ପୌରପାଳିକା ପରିଚାଳିତ ହେବ ବୋଲି ସରକାରୀ ଭାବେ କୁହାଯାଉଛି ।

Printed, Published and owned by Diptimanjari Mohapatra, Printed at Mallhar Publications, Plot No. D.1/1, SECTOR-A, ZONE-D, MANCHESWAR INDUSTRIAL ESTATE, BHUBANESWAR-751010, KHORDHA, ODISHA and Published Srutirekha Nivas, Plot No- 154/462, Nilachakra Nagar, Gopinathpur, Puri, Odisha, Pin-752002, Email id:prabaha.daily@gmail.com, prabaha2008@gmail.com, Mo-9938340066

ସମ୍ପାଦକ: ଅଭିମନ୍ୟୁ ମହାପାତ୍ର
Editor : Abhimanyu Mohapatra